## ସଂକ୍ଷେପରେ

### ଅସହାୟଙ୍କୁ ଖାଦ୍ୟ, କମ୍ବଳ ବଣ୍ଟନ

ଚାନ୍ଦବାଲି, ୩୧।୧୦(କିଷାନ ପାତ୍ର)
ମାନବ ସେବା ହିଁ ମାଧବ ସେବା ଟ୍ରଷ୍ଟ ପକ୍ଷରୁ ସୋମବାର ଆରଡ଼ି ପୀଠରେ ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସର ଓ ଶିବଗଙ୍ଗା ପୁଷ୍କରିଣୀ ଚତୁଃପାର୍ଶ୍ୱକୁ ସଫେଇ କରାଯାଇଛି। ପରେ ମଣିବାବାଙ୍କ ମନ୍ଦିରରେ ଅଧିଆ ପଡ଼ିଥିବା ଶତାଧିକ ଅସହାୟ ଗରିବ, ଭିକ୍ଷୁକଙ୍କୁ କମ୍ବଳ ଏବଂ ପ୍ରସାଦ ବଣ୍ଟନ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଚନ୍ଦ୍ରଶେଖର ଶତପଥୀ, ସଭାପତି ଦୀପ୍ତିକାନ୍ତ ମହାପାତ୍ର, ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର, ବରିଷ୍ଠ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ମହାପାତ୍ର, ଉଦୟ ମିଶ୍ର, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସେବାୟତ ସୁଜିତ ପଣ୍ଡା ଏବଂ ସ୍ଥାନୀୟ ଲୋକେ ଏଥିରେ ସହଯୋଗ କରିଥିଲେ।

### ଔପଦାରେ ନୂଆ ତହସିଲଦାର

ଔପଦା, ୩୧।୧୦(ଧରିତ୍ରୀ ପଣ୍ଡା)
ଔପଦା ତହସିଲରେ ପ୍ରଥମଥର ପାଇଁ



ମହିଳା ତହସିଲଦାର ଭାବେ ମିତାଲି ମଧୁଛନ୍ଦା ପାତ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବ ତହସିଲଦାର ସତ୍ୟବାନ ନାୟକ ମୟୂରଭଞ୍ଜ ଜିଲା ଶୁକ୍ଳି ତହସିଲକୁ ବଦଳି ପରେ କେଉଁଝର ଜିଲା ହାଟଡ଼ିହି ତହସିଲରୁ ମିତାଲି ମଧୁଛନ୍ଦା ପାତ୍ର ବଦଳି ହୋଇ ଔପଦା ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଔପଦାରେ ୨୦୦୮ରୁ ତହସିଲ କାର୍ଯ୍ୟାଳୟ ଖୋଲାଯାଇଥିଲା। ନୂଆ ତହସିଲଦାର ଦାୟିତ୍ୱ ଗ୍ରହଣ କରିବା ପରେ ତହସିଲ କାର୍ଯ୍ୟାଳୟ କର୍ମଚାରୀଙ୍କ ସହ ବିଭିନ୍ନ ସ୍ତରରୁ ସ୍ୱାଗତ କରାଯାଇଛି।

### ହମ୍ପ୍ସ ନିର୍ମାଣ ଦାବି ନେଇ ଉତ୍ତେଜନା

ଯୋଡ଼ା,୩୧।୧୦(ମାନସ ମହାନ୍ତି)
କେନ୍ଦୁଝର ଜିଲା ଯୋଡ଼ା ସହର ମୁଖ୍ୟ ରାସ୍ତା ତାରିଣୀ ଛକଠାରେ ପୌରପାଳିକାର ଏକ ବର୍ଜ୍ୟବସ୍ତୁ ବୋଝେଇ ଗାଡ଼ିର ବେପରୁଆ ଚାଳନା ଯୋଗୁ ଉତ୍ତେଜନା ପ୍ରକାଶ ପାଇଛି। ମୁଖ୍ୟ ରାସ୍ତାରେ ହମ୍ପ୍ସ ବା ଗତି ନିୟନ୍ତ୍ରକ ନିର୍ମାଣ କରିବା ଦାବି ନେଇ ଘଟଣାସ୍ଥଳରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଉତ୍ୟକ୍ତ ଲୋକେ ହୋହଲ୍ଲା କରିଥିବା ବେଳେ ପୋଲିସ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିଥିଲା। ବର୍ଜ୍ୟବସ୍ତୁ ବୋଝେଇ ଗାଡ଼ିର ଡ୍ରାଇଭରଙ୍କୁ ଥାନାରେ ଅଟକ ରଖାଯାଇଛି। ସୂଚନା ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ନ ୧୦.୩୦ ସମୟରେ ଶାନ୍ତନୁ ବାରିକ ନାମକ ଜଣେ ସ୍କୁଟି ଚାଳକ ଯୋଡ଼ା ମାର୍କେଟରୁ ମୁଖାର୍ଜୀ ହଟିଂସ୍ଥିତ ନିଜ ଘରକୁ ଫେରୁଥିବା ବେଳେ ଉକ୍ତ ବର୍ଜ୍ୟବସ୍ତୁ ବୋଝେଇ ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଶାନ୍ତନୁ ଛିଟିକି ପଡ଼ିଥିଲେ ହେଁ ସ୍କୁଟିଟି ଗାଡ଼ି ସହିତ ଲାଗି ରହିଥିଲା। ପ୍ରାୟ ୧୦୦ ମିଟରରୁ ଅଧିକ ବାଟ ଗାଡ଼ିଟି ସ୍କୁଟିକୁ ଘୋଷାଡ଼ି ନେଇଥିଲା। ଏପରିକି ଗାଡ଼ର ଡ୍ରାଇଭର ଏହା ଜାଣି ପାରି ନ ଥିଲେ। ସେଠାରେ ଉପସ୍ଥିତ ଲୋକେ ଚିତ୍କାର କରିବା ପରେ ଚାଳକ ଗାଡ଼ି ଅଟକାଇ ସ୍କୁଟିକୁ ବାହାର କରିଥିଲେ।

### ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ବାହାନଗା, ୩୧।୧୦(ଅରୂପ୍ କୁମାର ଦାସ)
ବାହାନଗା ବ୍ଲକର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଧୁମ୍‌ଧାମ୍‌ରେ ପାଳନ ହୋଇଛି। ବ୍ଲକର ପଣପଣା ବଜାର, ଗୋପାଳପୁର ବଜାର, ସାଉଡୁ ପଞ୍ଚାୟତର ଥାଲସଡା ଗ୍ରାମ, ଆରୁହାବାଡ ପଞ୍ଚାୟତର ଦୋଳପୁର ଗ୍ରାମ, ବିଷ୍ଣୁପୁର, ଅଭଣା, ଖରାସାହାପୁର ଗ୍ରାମରେ ମା' ଗଜଲକ୍ଷ୍ମୀ ପୂଜା ପାଳନ ହୋଇଛି । ଶନିବାର ଚନ୍ଦ୍ରଗ୍ରହଣ ଥିବାରୁ କିଛି କିଛି ସ୍ଥାନରେ ମା'ଙ୍କ ପୂଜା ଦିନରେ ସରିଯାଇଥିଲା। ଆଉ କେତେକ ସ୍ଥାନରେ ସନ୍ଧ୍ୟା ୬ଟାରେ ମା'ଙ୍କ ପୂଜା ନିମନ୍ତେ କଳସ ଉତ୍ତୋଳନ କରାଯାଇଥିବା ବେଳେ ରାତି ଗୋଟାଏ ବେଳେ ମା'ଙ୍କ ପୂଜା ବନ୍ଦ ରଖାଯାଇଥିଲା। ପରେ ଚନ୍ଦ୍ରଗ୍ରହଣ ରାତି ୩ଟାରେ ପୂର୍ଣ୍ଣଗ୍ରାସ ସରିବା ପରେ ମା'ଙ୍କ ପୂଜା ନିମନ୍ତେ ପୁନର୍ବାର ବ୍ରାହ୍ମଣମାନେ ସ୍ନାନ କରିବା ସହିତ ପ୍ରତିଷ୍ଠା କରି ମା'ଙ୍କ ପୂଜା ଆରମ୍ଭ କରିଥିଲେ। ରବିବାର ସକାଳ ୬ଟା ସମୟ ପର୍ଯ୍ୟନ୍ତ ମା'ଙ୍କ ପୂଜା ହୋଇଥିଲା। ବାହାନଗା ବ୍ଲକ ଆରୁହାବାଡ ପଞ୍ଚାୟତ ଦୋଳପୁର ଗ୍ରାମରେ ୧୦ଟି ସ୍ଥାନରେ ପୂଜା ହୋଇଛି। ମା'ଙ୍କ ପୂଜାମଣ୍ଡପଗୁଡ଼ିକୁ ଆକର୍ଷଣୀୟ କରିବା ପାଇଁ ତୋରଣ କରାଯାଇଛି। ଦୋଳପୁର ଗ୍ରାମରେ ପୂଜା ହେଉଥିବା ଏକାଧିକ ମଣ୍ଡପରେ ମା'ଙ୍କ ପୂଜା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପଞ୍ଚମ ପର୍ଯ୍ୟାୟ ପେପରଲେସ୍ କୋର୍ଟ ଉଦ୍‌ଘାଟିତ



ପେପରଲେସ୍ କୋର୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ।

ବାଲେଶ୍ୱର, ୩୧।୧୦(ମାନସ ବିଶ୍ୱାଳ)
ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରା ପଞ୍ଚମ ପର୍ଯ୍ୟାୟରେ ରାଜ୍ୟର ୩୦ଟି ଜିଲାରେ ପେପରଲେସ କୋର୍ଟ ଉଦ୍‌ଘାଟିତ ହୋଇଥିବା ବେଳେ ବାଲେଶ୍ୱର ଜିଲା ଜଜ୍ କୋର୍ଟଙ୍କ ପରିସରରେ ମଙ୍ଗଳବାର ଅନୁରୂପ ଭାବେ କାର୍ଯ୍ୟକ୍ଷମ ସମସ୍ତ ଅଦାଲତରେ ପେପରଲେସ କୋର୍ଟ ଭର୍ଚୁଆଲ ମୋଡରେ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବାଲେଶ୍ୱର ଜିଲା ଓ ଦୌରାଜଜ୍‌ଙ୍କ କୋର୍ଟ ପରିସରରେ ସ୍ପେଶାଲ ଏସ୍‌ସି ଓ ଏସ୍‌ଟି କୋର୍ଟ, ଦ୍ୱିତୀୟ ଅତିରିକ୍ତ ଜିଲା ଜଜ୍ ତଥା ଦୌରାଜଜ୍ କୋର୍ଟ, ଅତିରିକ୍ତ ଜିଲା ଜଜ୍ ତଥା ଏଲଆର ଓ ଏଲଟିଭି କୋର୍ଟ, ସିନିଅର ସିଭିଲ ଜଜ୍ ତଥା ଏଲଆର ଓ ଏଲଟିଭି କୋର୍ଟ, ସିନିଅର ସିଭିଲ ଜଜ୍ କୋର୍ଟ, ତୃତୀୟ ଅତିରିକ୍ତ ସିନିଅର ସିଭିଲ ଜଜ୍ କୋର୍ଟଗୁଡ଼ିକୁ ଏଥିରେ ସାମିଲ କରାଯାଇଛି।

ଏହି କୋର୍ଟକୁ ହାଇକୋର୍ଟର ଅସ୍ଥାୟୀ ମୁଖ୍ୟ ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଉଦ୍‌ଘାଟନ କରି ସାଧାରଣ ଲୋକଙ୍କୁ ସିଧାସଳଖ ନ୍ୟାୟପ୍ରକ୍ରିୟା ସହ ଯୋଡ଼ିବା ଏଭଳି କୋର୍ଟ ସ୍ଥାପନର ମୁଖ୍ୟ ଉଦ୍ଦେଶ୍ୟ। ବିଶେଷ କରି ଇ-କେସ ଫାଇଲିଂ ଓ ଭିଡିଓ କନଫେରେନସିଂ ମାଧ୍ୟମରେ ଲୋକେ ଅଦାଲତକୁ ନ ଆସି ମଧ୍ୟ ନିଜର ମାମଲାରେ ଡିଜିଟାଲ ମାଧ୍ୟମରେ ଉପସ୍ଥାନ ଜାହିର ସହିତ ସମସ୍ତ ପ୍ରକାର କାଗଜପତ୍ର ଦାଖଲ କରିପାରିବେ ବୋଲି ପ୍ରକାଶ କରିଥିଲେ। ହାଇକୋର୍ଟ ବିଚାରପତି ତଥା ବାଲେଶ୍ୱର ବିଚାର ବିଭାଗର ଆଡ଼ମିଷ୍ଟ୍ରେଟିଭ୍ ବିଚାରପତି ବିଭୁପ୍ରସାଦ ରାଉତରାୟଙ୍କ ସମେତ ଅନ୍ୟାନ୍ୟ ବିଚାରପତି ଉପସ୍ଥିତ ଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା ଦୌରାଜଜ ଅଶାନ୍ତ କୁମାର ଦାସଙ୍କ ସହ ଭିଜିଲାନ୍ସ ଜଜ୍ ଶିଖାରାଣୀ ରଥ, ଅତିରିକ୍ତ ଜିଲା ଜଜ୍-୧ ସଞ୍ଜିବ ରଞ୍ଜନ ସାମନ୍ତ, ଅତିରିକ୍ତ ଜିଲା ଜଜ୍-୨ ଅବଦୁଲ ଶମିମ୍ ଅଖତର, ଅତିରିକ୍ତ ଜିଲା ଜଜ୍ ତଥା ସ୍ପେଶାଲ ପୋକ୍‌ସୋ ଜଜ୍ ରଞ୍ଜନ କୁମାର ସୁତାର, ଆଡ଼ହକ ଅତିରିକ୍ତ ଜିଲା ଫାଷ୍ଟଟ୍ରାକ୍ ଜଜ୍ ମିହିର ରଞ୍ଜନ ପରିଡ଼ା, ଅତିରିକ୍ତ ଜିଲା ଜଜ୍ ତଥା ସ୍ପେଶାଲ ଏସ୍‌ସି ଓ ଏସଟି ଜଜ୍ ଲିଲିପ୍ସା ପଶାୟତ, ଅତିରିକ୍ତ ଜିଲା ଜଜ୍-୩ ବିବସ୍ୱତ ଗୌତମ, ଓପିଆଇଡ଼ି ଜଜ୍ ବିଶ୍ୱଜିତ ଦାଶ, ଅତିରିକ୍ତ ଦୌରାଜଜ୍ ତଥା ସ୍ପେଶାଲ ଟ୍ରାକ୍ କୋର୍ଟ ଜଜ୍ ରଞ୍ଜନ କୁମାର ପ୍ରଧାନ, ଅତିରିକ୍ତ ଦୌରାଜଜ୍ ସୁଶୀଲ କୁମାର ସାହୁ, ସିନିଅର ସିଭିଲ ଜଜ୍ କୃଷ୍ଣ କୁମାର ନାୟକ, ସିନିଅର ଡିଭିଜନାଲ ଜୁଡିସିଆଲ ମାଜିଷ୍ଟ୍ରେଟ ପୂଜା ଦେ, ପ୍ରଥମ ଶ୍ରେଣୀ ଜୁଡ଼ିସିଆଲ ମାଜିଷ୍ଟ୍ରେଟ ମୋନିକା ଆଚାର୍ଯ୍ୟ, ବାର୍ ଆସୋସିଏଶନର ସମ୍ପାଦକ ଦୀପକ କୁମାର ଦାଶ ଓ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭାତ କୁମାର ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଗଜଲକ୍ଷ୍ମୀ ପୂଜା ଲାଗି ଉତ୍ସବମୁଖର ଧାମନଗର



ଆନନ୍ଦପୁର ବାଲିପାଟଣାଠାରେ ପୂଜା ପାଉଛନ୍ତି ମା' ଲକ୍ଷ୍ମୀ।

ଧାମନଗର,୩୧।୧୦(ଦେବେନ୍ଦ୍ର ଆଦିଆ)
ଗଜଲକ୍ଷ୍ମୀ ପୂଜା ପାଇଁ ଧାମନଗର ଉତ୍ସବମୁଖର ହୋଇଛି। ବ୍ଲକର ବିଭିନ୍ନ ସ୍ଥାନରେ ମା' ଗଜଲକ୍ଷ୍ମୀଙ୍କ ପୂଜୋତ୍ସବ ରୀତିନୀତି ଅନୁଯାୟୀ ଚାଲିଛି। ଦିହୁଡ଼ି ଆନନ୍ଦପୁର ପଞ୍ଚାୟତର ବାଲିପାଟଣା, ଶିଶୁମନ୍ଦିର ଛକ, ନାଥସାହି, ଚମ୍ପାବାଗ, ଦୋବଲ ପଞ୍ଚାୟତର ସୋଧପାଟଣା କୁଣ୍ଡସାହି, କଲ୍ୟାଣୀ, ଧୁସୁରୀ, ଆନନ୍ଦବଜାର, ପଙ୍ଗଟା, କୋରୁଆ କରଦା, ସୋହଡ଼ା, ମୁସ୍ତାଫାପୁର ପଞ୍ଚାୟତର ରଘୁନାଥପୁର, ଦକ୍ଷିଣବାଡ଼ ଛକ ଆଦି ସ୍ଥାନରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ବାଲିପାଟଣା ଗ୍ରାମରେ ଦୀର୍ଘ ୯୩ ବର୍ଷ ଧରି ଗଜଲକ୍ଷ୍ମୀ ପୂଜା ପାଳନ କରାଯାଇ ଆସୁଛି। ଶୁକ୍ରବାରଠାରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ଅଧିବାସ, କଳସ ଶୋଭାଯାତ୍ରା, ସୂର୍ଯ୍ୟପୂଜା, ବିଗ୍ରହ ସ୍ନାନ, ଚଣ୍ଡୀପାଠ ଆଦି ବ୍ରାହ୍ମଣ ଶ୍ୟାମସୁନ୍ଦର ମିଶ୍ରଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ବୃନ୍ଦାବତୀ ପାତ୍ର ଓ ଗଙ୍ଗାଧର ପାତ୍ର କର୍ତ୍ତାକର୍ତ୍ତା ଭାବେ ସଙ୍କଳ୍ପ କରିଥିଲେ। ସପ୍ତାହେ ଧରି ଏଠାରେ ମା'ଙ୍କୁ ପୂଜାର୍ଚ୍ଚନା କରାଯିବ। ସେହିପରି ସୋଧ କୁଣ୍ଡସାହିରେ ମଧ୍ୟ ବହୁବର୍ଷ ଧରି ମା'ଙ୍କୁ ପୂଜା କରାଯାଉଛି। ବିଭିନ୍ନ ପୂଜା ମଣ୍ଡପ ସାଜସଜ୍ଜା ଓ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ରଙ୍ଗବେରଙ୍ଗର ଆଲୋକମାଳାରେ ପୂଜା ମଣ୍ଡପ ଝଲସୁଥିବା ବେଳେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଛି।

# ସମବାୟ ସମିତି ଆଗରେ କୃଷକ ସଭାର ଗଣଧାରଣା

ବନ୍ତ,୩୧।୧୦(ହରିନାରାୟଣ ମହାନ୍ତି)
ଭଦ୍ରକ ଜିଲା ବନ୍ତ ବ୍ଲକର ଟିଲୋ ସେବା ସମବାୟ ସମିତି ଆଗରେ ଅଖିଳ ଭାରତ କୃଷକ ସଭା ଟିଲୋ ଶାଖା କମିଟି ପକ୍ଷରୁ ମଙ୍ଗଳବାର ଗଣଧାରଣା ଦିଆଯାଇଥିଲା। କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ କୃଷକ ବିରୋଧୀ ସମବାୟ ଆଇନକୁ ରାଜ୍ୟ ସରକାର ଲାଗୁ ନ କରିବା, ସ୍ୱାମୀନାଥନ କମିଶନ କାର୍ଯ୍ୟକାରୀ, ଧାନ କୁଇଣ୍ଟାଲ ୩୫ ଶହ ଟଙ୍କା ଧାର୍ଯ୍ୟ, ଭାଗ ଚାଷୀଙ୍କୁ ଧାନ ବିକ୍ରି ପାଇଁ ସୁଯୋଗ ଦେବା, କୃଷି କ୍ଷେତ୍ର ପାଇଁ ଆବଶ୍ୟକ ବିଜୁଳି ମାଗଣାରେ ଯୋଗାଇବା, ସମସ୍ତ କୃଷି ଋଣ ଛାଡ଼ କରି ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ ପ୍ରଦାନ, ପ୍ରତି ବ୍ଲକରେ ଶୀତଳ ଭଣ୍ଡାର ନିର୍ମାଣ, ଭୂମିହୀନ କୃଷି ଶ୍ରମିକମାନଙ୍କୁ ଜମିପଟ୍ଟା ସହ ୧୦ ଡିସିମିଲ ଜାଗା ଯୋଗାଇଦେବା, ସମସ୍ତ କେନାଲରେ ଆଉଟ୍‌ଲେଟ ତିଆରି କରି ଚାଷଜମିକୁ ଜଳ ଯୋଗାଣ ଆଦି ଦାବି ରହିଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ଦାବିପତ୍ର ସମିତିର ସମ୍ପାଦକ ନିତ୍ୟାନନ୍ଦ ନାୟକଙ୍କୁ ପ୍ରଦାନ କରାଯାଇଛି।

କାଶିନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କୃଷକ ସଭାର ବ୍ଲକ ସଭାପତି ଫକୀର ଚରଣ ବିଶ୍ୱାଳ, ଶୁଭେନ୍ଦ୍ର ପ୍ରତାପ ମହାନ୍ତି, ରମେଶ ଜେନା, ସୁବାସ ଚନ୍ଦ୍ର ବେହେରା, ଟିଲୋ ସରପଞ୍ଚ ସଂଗ୍ରାମ କେଶରୀ ଜେନା, ନିରଞ୍ଜନ ନାୟକ, ଭାସ୍କର ଚନ୍ଦ୍ର ବେହେରା, ରମାକାନ୍ତ ସାହୁ, ଜୟନ୍ତ ଜେନା, ରବୀନ୍ଦ୍ର ସେଠୀ, କିଶୋର ବେହେରା, ଅନିରୁଦ୍ଧ ଜେନା, କୃଷ୍ଣଚନ୍ଦ୍ର ଜେନା, ସଞ୍ଜୟ ସାମଲ ପ୍ରମୁଖ ଚାଷୀ ବିରୋଧୀ ନୀତିକୁ କେନ୍ଦ୍ର ଓ ରାଜ୍ୟ ସରକାର ପରିହାର କରିବାକୁ ଦାବି କରିଥିଲେ। ଅଭିମନ୍ୟୁ ଜେନା, କାର୍ତ୍ତିକ ଚନ୍ଦ୍ର ଜେନା, କ୍ଷେତ୍ରବାସୀ ଦାସ, କୈଳାସ ସାହୁ, ରବୀନ୍ଦ୍ର ପାତ୍ର, ନିରଞ୍ଜନ ସାହୁ, ନାରାୟଣ ଜେନା, ହରିହର ସାମଲ, ରବିନାରାୟଣ ଲେଙ୍କା, ଧନେଶ୍ୱର ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଦୁର୍ନୀତି ମାମଲା

### ଜିପିଟିଏଙ୍କୁ ୩ ବର୍ଷ ଜେଲ

କେନ୍ଦୁଝର, ୩୧।୧୦
(ନରେଶ ଚନ୍ଦ୍ର ପଟ୍ଟନାୟକ)
କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ମଙ୍ଗଳବାର ଏକ ଦୁର୍ନୀତି ମାମଲାର ଶୁଣାଣି କରି ଗ୍ରାମପଞ୍ଚାୟତ ଟେକ୍ନିକାଲ ଆସିଷ୍ଟାଣ୍ଟ (ଜିପିଟିଏ)ଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଆଉ ଏକ ବର୍ଷ ଜେଲ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଦୋଷୀ ଜିପିଟିଏ ହେଲେ ଭଦ୍ରକ ଜିଲା ଜଗନ୍ନାଥପୁର ଅଞ୍ଚଳର ପ୍ରମୋଦ କୁମାର ପଣ୍ଡା। ସେ ସଦର ବ୍ଲକରେ ଜିପିଟିଏ (କନିଷ୍ଠ ଯନ୍ତ୍ରୀ) ଭାବେ କାମ କରୁଥିଲେ ଓ ଏବେ କେନ୍ଦୁଝର ସହରରେ ରହୁଛନ୍ତି। ପ୍ରଭେନସନ ଅଫ୍ କରପ୍‌ସନ ଆକ୍ଟ ୨୦୧୮ର ଧାରା ୭ ଅନୁଯାୟୀ ତାଙ୍କୁ ଏଭଳି ଦଣ୍ଡିତ କରାଯାଇଥିବା ବେଳେ ଏବେ ତାଙ୍କୁ ଚାକିରରୁ ବାହାର କରି ଦିଆଯାଇଥିବା ସୂଚନା ମିଳିଛି।

ସୂଚନାଯୋଗ୍ୟ, ସଦର ବ୍ଲକ ଅଧୀନ ବଉଳମାଳ ଗ୍ରାମର ଯୁଧିଷ୍ଠିର ମହାନ୍ତ ତାଙ୍କ ଗ୍ରାମରେ ୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ମହାକୁଡ଼ ସାହିଠାରୁ ପାତ୍ରସାହି ପର୍ଯ୍ୟନ୍ତ ଏକ କଂକ୍ରିଟ ରାସ୍ତା ପଞ୍ଚାୟତ ଅନୁଦାନରେ କରୁଥିଲେ। ଏହି କାମ ସରିବା ପରେ ବିଲ୍ ପାଇଁ ଜିପିଟିଏ ତାଙ୍କୁ ୧୪ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ବାବଦ ଟଙ୍କା ଦେବାକୁ ସେ ଅସମର୍ଥ ପ୍ରକାଶ କରିଥିଲେ ହେଁ ଜିପିଟିଏ ବିଲ୍ କରି ନ ଥିଲେ। ତେବେ ବିଲ୍ କରିବା ପାଇଁ ୧୧ ହଜାର ଟଙ୍କା ଦେବାକୁ କହିବାରୁ ଯୁଧିଷ୍ଠିର ଭିଜିଲାନ୍ସ ବିଭାଗ ନିକଟରେ ୨୦୨୦ ଜୁନ୍ ୧୮ରେ ଲିଖିତ ଅଭିଯୋଗ କରିଥିଲେ। ଭିଜିଲାନ୍ସ ବିଭାଗ ପକ୍ଷରୁ ଏନେଇ ଏକ ମାମଲା (ନଂ.୩/୨୦୨୦) ରୁଜୁ କରି ୧୯ ତାରିଖରେ ଲାଞ୍ଚ ନେବା ସମୟରେ ପ୍ରମୋଦଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। ୧୧ଜଣ ସାକ୍ଷୀ ଓ ପୋଲିସ ତଦନ୍ତ ରିପୋର୍ଟକୁ ଆଧାର କରି ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରଶ୍ମିତା ଦଲେଇ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି।

# ଟିପିଏନ୍‌ଓଡିଏଲ୍ ପକ୍ଷରୁ ମୋବାଇଲ ସ୍ୱାସ୍ଥ୍ୟସେବା ଆରମ୍ଭ



ମୋବାଇଲ ସ୍ୱାସ୍ଥ୍ୟସେବା ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଓ ଟିପିଏନ୍‌ଓଡିଏଲ୍ ଅଧିକାରୀମାନେ।

ବାଲେଶ୍ୱର, ୩୧।୧୦ (ମାନସ ବିଶ୍ୱାଳ)
ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ମିଳିତ ଉଦ୍‌ଯୋଗ ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ମାଗଣା ମୋବାଇଲ ସ୍ୱାସ୍ଥ୍ୟସେବା ନିମିତ୍ତ ଏକ ନୂତନ ଆମ୍ବୁଲାନ୍ସ ଜିଲାର ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ଆରମ୍ଭ କରାଯାଇଛି। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ, ଟିପିଏନଓଡିଏଲ୍ ସିଇଓ ଭାସ୍କର ସରକାର, ଅପରେଶନ ମୁଖ୍ୟ ନିଲେସ ପୋଟଫୋଡ଼, ପ୍ରକଳ୍ପ ମୁଖ୍ୟ ପ୍ରଦୀପ ମହାନ୍ତି, ବାଲେଶ୍ୱର ଏସ୍‌ପି ସିଦ୍ଧାର୍ଥ ରାୟ, ସିଏସ୍‌ଆର୍ ମୁଖ୍ୟ ଦିଲୀପ ସାହୁ, ଲୋକସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ଏହି ସେବାର ଶୁଭାରମ୍ଭ କରିଥିଲେ।

ଟିପିଏନଓଡିଏଲ ସିଇଓ ଭାସ୍କର ସରକାର କହିଛନ୍ତି ଯେ, ଆମେ ଅଭିଜ୍ଞ ଡାକ୍ତର, ଫାର୍ମାସିଷ୍ଟ ଏବଂ ଅନ୍ୟ କର୍ମଚାରୀ ପ୍ରତି ଆମ୍ବୁଲାନ୍ସରେ ନିୟୋଜିତ କରିଛୁ। ଏହି ଆମ୍ବୁଲାନ୍ସ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବ। ଆବଶ୍ୟକ ସ୍ଥଳେ ଚିକିତ୍ସା ସେବା ଓ ଔଷଧ ଯୋଗାଇଦେବ। ତେବେ ଏ ସମସ୍ତ ପ୍ରକ୍ରିୟା ସ୍ଥାନୀୟ ସରପଞ୍ଚଙ୍କ ସହଯୋଗରେ ସମ୍ପାଦିତ ହେବ। ସମ୍ପୂର୍ଣ୍ଣ ମାଗଣାରେ ଜନସାଧାରଣଙ୍କୁ ସେବା ଯୋଗାଇ ଦିଆଯିବ ବୋଲି କହିଥିଲେ। ସେହିପରି ବାହାନଗା ରେଳ ଦୁର୍ଘଟଣା ସମୟରେ ଟିପିଏନଓଡିଏଲ ଆମ୍ବୁଲାନ୍ସ ଯୋଗାଇଥିବା ସେବା ସମ୍ପର୍କରେ ଆଲୋକପାତ କରିଥିଲେ। ପୂର୍ବରୁ ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ ଓ ଯାଜପୁର ଜିଲାରେ ମୋବାଇଲ ସ୍ୱାସ୍ଥ୍ୟସେବା ଜାରି ରଖିଥିବାବେଳେ ବାର୍ଷିକ ହାରାହାରି ୧ଲକ୍ଷ ୪୦ହଜାର ଗ୍ରାମାଞ୍ଚଳ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି।

# ରାଷ୍ଟ୍ରୀୟ ଏକତା ଦିବସରେ ଗଣଦୌଡ଼




ଗଣଦୌଡ଼ର ଶୁଭାରମ୍ଭ।

ରାଇବଣିଆ, ୩୧।୧୦(ନବୀନ ସାହୁ)
ବାଲେଶ୍ୱର ଜିଲା ଜଳେଶ୍ୱର ରାଇବଣିଆ ଦୁର୍ଗ ଦ୍ୱାରଠାରୁ ହାତୀଗଡ଼ ହାଟପଡ଼ିଆ ପର୍ଯ୍ୟନ୍ତ ରାଷ୍ଟ୍ରୀୟ ଏକତା ଦିବସ ପାଳନ ଅବସରରେ ମଙ୍ଗଳବାର ଗଣଦୌଡ଼ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ତରୁଣ ପଟ୍ଟନାୟକଙ୍କ ନେତୃତ୍ୱରେ ମୁଖ୍ୟଅତିଥି ଭାବେ ଜିଲାସଭାପତି ଉମାକାନ୍ତ ମହାପାତ୍ର ସବୁଜ ପତାକା ଦେଖାଇ ଗଣଦୌଡ଼କୁ ଉଦ୍‌ଘାଟନ କରିଥିଲେ। ହାତୀଗଡ଼ ହାଟପଡ଼ିଆରେ ଆୟୋଜିତ ସାଧାରଣ ସଭାରେ ସମ୍ମାନିତ ଅତିଥି ଭାବେ ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ନାରାୟଣ ଦାସ, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ସୁର, ବ୍ଲକ ଏମ୍‌ପି ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ନଗର ସଭାପତି ତଥା ଏମ୍‌ପିଙ୍କ ପୌର ପ୍ରତିନିଧି ଫାଲ୍‌ଗୁନୀ ପାଣିଗ୍ରାହୀ, ସଂଗ୍ରାମ କେଶରୀ ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟରେ ରାଇବଣିଆ ଦୁର୍ଗର ବିକାଶ, ସୁରକ୍ଷା ଓ ଅଖଣ୍ଡତା ପାଇଁ ରନ୍ ଫର୍ ୟୁନିଟ୍ ଭଳି କାର୍ଯ୍ୟକ୍ରମ ଦ୍ୱାରା ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଯୁବନେତା ସିଦ୍ଧାର୍ଥ ଶଙ୍କର ପାଳ ମଞ୍ଚକୁ ସଞ୍ଚାଳନ କରୁଥିବା ସ୍ଥଳେ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ବିପ୍ଳବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଏକତା ଗଣଦୌଡ଼କୁ ନାରୀନେତ୍ରୀ ସୁମତି ରାଣୀ ଦେ, ଇନ୍ଦୁମତୀ ଗିରି, ପରମାନନ୍ଦ ମହାପାତ୍ର, ତପନ ବିଶ୍ୱାଳ, ତନ୍ମୟ ଚନ୍ଦ, ଅଞ୍ଜନ ଦାସ, ଭୂପତି ଶୁକ୍ଳ, ଅମରେନ୍ଦ୍ର ନାଥ ପଟ୍ଟନାୟକ,ରାମକୃଷ୍ଣ ପରିଡ଼ା ଓ ଗୋଲକ ବାରିକ ପ୍ରମୁଖ ପରିଚାଳନା କରିଥିଲେ।

# ଭେରାଇଟି ଷ୍ଟୋର ତାଲା ଭାଙ୍ଗି ଚୋରି

ପାଟଣା, ୩୧।୧୦ (ବୀରକିଶୋର ଦାଶ)
କେନ୍ଦୁଝର ଜିଲା ପାଟଣା ବ୍ଲକର ତୁରୁମୁଙ୍ଗା ବଜାରରେ ଥିବା ପଲ୍ଲୀଶ୍ରୀ ଭେରାଇଟି ଷ୍ଟୋରରୁ ସୋମବାର ନିଶିଦ୍ଧିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ଦୋକାନ ତାଲା ଭାଙ୍ଗି ଡ୍ର'ରେ ଥିବା ୯ ହଜାର ଟଙ୍କା ନେଇଯାଇଥିବା ମଙ୍ଗଳବାର ମାଲିକ ରମେଶ ଚନ୍ଦ୍ର ମହାନ୍ତ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିଛନ୍ତି। ଏଏସ୍‌ଆଇ ଧନଞ୍ଜୟ ମୁର୍ମୁ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏନେଇ ଥାନାରେ ମାମଲା (ନଂ.୧୮୭/୨୩) ରୁଜୁହୋଇଛି।

# ଜିଲାସ୍ତରକୁ ୨୬ ଛାତ୍ରୀଛାତ୍ର ମନୋନୀତ

## ବ୍ଲକସ୍ତରୀୟ ସୁରଭି, ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା

ବାହାନଗା, ୩୧।୧୦(ଅରୂପ୍ କୁମାର ଦାସ)
ବାହାନଗା ବ୍ଲକସ୍ତରୀୟ ସୁରଭି ଓ ଓଡ଼ିଶା ମିଲେଟସ୍ ପ୍ରତିଯୋଗିତା-୨୦୨୩ ଗୋପାଳପୁର ମଣିଭଦ୍ର ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ଏଥିରେ ବ୍ଲକର ୧୭ଟି କ୍ଲଷ୍ଟରରୁ ୩ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ କୁନି କୁନି ଛାତ୍ରୀଛାତ୍ର ନିଜର ଅନ୍ତର୍ନିହିତ ଗୁଣକୁ ପରିପ୍ରକାଶ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ଏଥିରେ ସଭାପତିତ୍ୱ କରିଥିଲେ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରିଣୀ ସୋମାରାଣୀ ସେଠୀ। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଗୋପାଳପୁର ସମିତିସଭ୍ୟ ଯୋଗେଶ ଚନ୍ଦ୍ର ପତି, ଏବିଇଓ ରୋହିଆ ଟୁଡୁ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମିଶ୍ର, ସିଆରସିସି କାମାକ୍ଷା ପ୍ରସାଦ ମିଶ୍ର, ପରିଚାଳନା କମିଟି ସଭାପତି ଅଭିରାମ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାକୁ ସଂଯୋଜନା କରିଥିଲେ ସୀତାକାନ୍ତ ତ୍ରିପାଠୀ ଓ ଶିକ୍ଷୟିତ୍ରୀ ଲିଲିମା ପଣ୍ଡା । ଶିକ୍ଷକ ସଂଘ ସମ୍ପାଦକ ପ୍ରଦୀପ୍ତ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ନାଚ, ଗୀତ, ଡିବେଟ, ଚିତ୍ରାଙ୍କନ, ରଚନା ଓ ଶ୍ରୁତଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ୨୬ଟି ବିଭାଗର ଜୁନିୟର ସିନିୟରରେ ପ୍ରଥମ ହୋଇ କୃତିତ୍ୱ ଲାଭ କରିଥିବା ୨୬ଜଣ ଛାତ୍ରୀଛାତ୍ର ଜିଲାସ୍ତରକୁ ମନୋନୀତ ହୋଇଛନ୍ତି।

# 'ମହୋତ୍ସବ ସଂସ୍କୃତି, କଳା ଓ ସାହିତ୍ୟର ନିଦର୍ଶନ'

ଭଣ୍ଡାରିପୋଖରୀ, ୩୧।୧୦(ରବିନାରାୟଣ ଖିଲାର)
ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମାଳଦାଠାରେ ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ବାର୍ଷିକ ଗଜଲକ୍ଷ୍ମୀ ପୂଜା ଅବସରରେ ଚାଲିଛି ଭଣ୍ଡାରିପୋଖରୀ ମହୋତ୍ସବ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଯୋଗଦେଇ ମହୋତ୍ସବ ଧର୍ମ, ସଂସ୍କୃତି, କଳା ଓ ସାହିତ୍ୟର ନିଦର୍ଶନ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ନଟବର ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ କ୍ଷୀରୋଦ ସାମଲ, ସମ୍ମାନିତ ଅତିଥି ପୂର୍ବତନ ଜିଲା କଂଗ୍ରେସ ସଭାପତି ସୁବ୍ରତ ଦାସ, ସାମାଜିକ କର୍ମୀ ଗୋଲକ ଚନ୍ଦ୍ର ବେହେରା, ସୁବୋଧ ସାମଲ ପ୍ରମୁଖ ଯୋଗଦେଇ ମହୋତ୍ସବ ସମ୍ପର୍କରେ



ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ବକ୍ତବ୍ୟ ରଖିଥିଲେ। ବ୍ଲକ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ ନାଗରିକ ଧନେଶ୍ୱର ନାୟକ, ଯୁବନେତା ଅନିଲ ଶତପଥୀ, ପ୍ରଶାନ୍ତ ସାହୁ, ଶ୍ୟାମସୁନ୍ଦର ମହାପାତ୍ର, ଅଦ୍ୱୈତ ପରିଡ଼ା, କମଳାକାନ୍ତ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟସ୍ତରୀୟ ମହୋତ୍ସବ କମିଟି ସଭାପତି ରବିନାରାୟଣ ଖିଲାର ଆଭିମୁଖ୍ୟ ପ୍ରଦାନ, ପବିତ୍ର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ ଓ ଦୁର୍ଯ୍ୟୋଧନ ଲେଙ୍କା ମଞ୍ଚ ଆହ୍ୱାନ କରିଥିଲେ। ଏହି ଅବସରରେ ସମାଜସେବୀ ପ୍ରଜ୍ଞା ପରମିତା ମହାନ୍ତି ଓ ଅଭିନେତ୍ରୀ ଦିବ୍ୟାଶାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ବଜାର କମିଟି ସମ୍ପାଦକ ରାଜେନ୍ଦ୍ର ଶତପଥୀ ଧନ୍ୟବାଦ ଦେଇଥିଲେ। ଗାୟିକା ଗୋରୀବାଳା ସ୍ୱାଇଁ, ଯାଦୁଗର ଏସ୍ କୁମାର, ହାସ୍ୟ ଅଭିନେତା ଚନ୍ଦନ ଓ ଅଭିନେତ୍ରୀ ଆଦ୍ୟାଶା ନାୟକ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ଦେବେନ୍ଦ୍ର ଦାସ, ଝୁଲା ମହାନ୍ତି, ଗଣେଶ ସାମଲ, ଅଶୋକ ଜେନା, କାଶୀନାଥ ପରିଡ଼ା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁବକଙ୍କ ଆତ୍ମହତ୍ୟା

ରୂପସା, (ବାଞ୍ଛାନିଧି ଦେ): ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ଅଧୀନ ନିମା ଗ୍ରାମର ଧୀରେନ ସିଂ ମଙ୍ଗଳବାର ଫାଶୀ ଦେଇ ଆତ୍ମହତ୍ୟା କରିଛନ୍ତି। ସେ ସୋମବାର ରାତିରେ କୌଣସି କଥାକୁ କେନ୍ଦ୍ର କରି ଘର ଭିତରେ ଫାଶୀ ଦେଇଥିଲେ। ମଙ୍ଗଳବାର ସକାଳେ ପରିବାର ଲୋକେ ଜାଣିପାରି ତାଙ୍କୁ ବସ୍ତା ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବସ୍ତା ଥାନା ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରିଛି। ସରପଞ୍ଚ ଲକ୍ଷ୍ମୀକାନ୍ତ ଜେନା ଓ ସମିତିସଭ୍ୟ ଅନୀତା ଜେନା ପରିବାର ଲୋକଙ୍କୁ ଭେଟି ଶବ ସତ୍କାର ପାଇଁ ହରିଶ୍ଚନ୍ଦ୍ର ଯୋଜନାରେ ୩ହଜାର ଟଙ୍କା ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ଡାକ୍ତର, କ୍ଲିନିକ ମାଲିକଙ୍କୁ କାରଣଦର୍ଶାଅ ନୋଟିସ୍
### ୭ ଦିନ ମଧ୍ୟରେ ବିବରଣୀ ଦେବାକୁ ନିର୍ଦ୍ଦେଶ

ବାଲେଶ୍ୱର, ୩୧।୧୦(ମାନସ ବିଶ୍ୱାଳ)

ଚିକିତ୍ସା ଉପକରଣର ଅପବ୍ୟବହାର ଅଭିଯୋଗରେ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ୪ଜଣ ଡାକ୍ତରଙ୍କୁ କାରଣଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ଏହାସହ ୪ଗୋଟି କ୍ଲିନିକ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଡା. ଭାସ୍କର ଚନ୍ଦ୍ର ବେହେରା, ଡା. ଶଶିଭୂଷଣ ରଥ, ଡା. ରୁପେଶ କୁମାର ସେନାପତି ଏବଂ ଡା. ଶିବଦାସ ପାଣିଗ୍ରାହୀଙ୍କୁ ଏହି ନୋଟିସ୍ କରାଯାଇଛି। ସେହିପରି ଡା. ମଲ୍ଲିକ ଡାଇଗ୍ନୋଷ୍ଟିକ୍ ସେଣ୍ଟର (କଲେଜ ରୋଡ଼), ନିଉଟେକ୍ ଲାବ ଆଣ୍ଡ ଡାଇଗ୍ନୋଷ୍ଟିକ୍ (ଭାସ୍କରଗଞ୍ଜ ଏ), କ୍ୟୋର ଆଣ୍ଡ କେଆର ମଲ୍ଟି ସ୍ପେଶିଆଲିଟି କ୍ଲିନିକ (ଭି.ଏନ ମାର୍ଗ), ନିଗମ ହସ୍ପିଟାଲ ଆଣ୍ଡ ଆଡ଼ଭାନ୍ସ ଟ୍ରମା କେୟାର (କୁରୁଡ଼ା) ର ମାଲିକମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ସମ୍ପୃକ୍ତ ଡାକ୍ତର ଏବଂ କ୍ଲିନିକ ମାଲିକଙ୍କୁ ୭ ଦିନ ମଧ୍ୟରେ ବିବରଣୀ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ଜେଲରେ ଥାଇ ଫୋନ୍‌ରେ ସ୍ୱାମୀଙ୍କୁ ଧମକ

ଭଦ୍ରକ,୩୧।୧୦ (ସନାତନ ରାଉତ)

ଜେଲରେ ଥାଇ ଫୋନ୍ ଯୋଗେ ସ୍ୱାମୀଙ୍କୁ ଧମକ ଦେଉଛନ୍ତି ଅଭିଯୁକ୍ତ ସ୍ତ୍ରୀ। ଏନେଇ ଭଦ୍ରକ ସାବରଙ୍ଗ ଥାନା ଅଧୀନ ବେନ୍ତାଳ ପଞ୍ଚାୟତ ଭବାନୀବିନ୍ଧା ଗାଁର ପ୍ରଫୁଲ୍ଲ ମହାନା ମଙ୍ଗଳବାର ଅଭିଯୋଗ କରିଛନ୍ତି। ଗତ ଜୁଲାଇ ୧୪ ରାତିରେ ତାଙ୍କ ଉପରେ ଗରମ ତେଲ ଢାଳିବା ଅଭିଯୋଗରେ ତାଙ୍କ ସ୍ତ୍ରୀ ଭଦ୍ରକ ଜେଲରେ ବିଚାରାଧୀନ ବନ୍ଦୀ ଭାବେ ଅଛନ୍ତି। ପ୍ରଫୁଲ୍ଲଙ୍କୁ ପ୍ରଥମେ ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପରେ କଟକକୁ ସ୍ଥାନାନ୍ତର କରାଯାଇଥିଲା। ପରେ ଏକ ଘରୋଇ ହସ୍ପିଟାଲରେ କିଛିଦିନ ଚିକିତ୍ସା ହେବା ପରେ ଅର୍ଥାଭାବରୁ ସେ ଏବେ ଘରେ ରହିଛନ୍ତି। ଜେଲରେ ମହିଳାଙ୍କ ପାଇଁ ଥିବା ଫୋନ୍‌ରୁ ମଙ୍ଗଳବାର ତାଙ୍କୁ କଲ୍ କରି ମୁଁ ଜେଲରୁ ବାହାରିବା ପରେ ତମକୁ ଓ ତମ ପରିବାରକୁ ଜେଲରେ ପୁରାଇବି ବୋଲି ସ୍ତ୍ରୀ ଧମକ ଦେଇଥିବା ପ୍ରଫୁଲ୍ଲ ସାବରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି।

### ବିଲୁଆ କାମୁଡ଼ାରେ ୧୧ ଆହତ

ଭୋଗରାଇ, ୩୧।୧୦(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ନସରାବାଦ, ମାନକୁଣ୍ଡା, ସିଆଁରୋଇ, ବେଲଦା ଆଦି ଗ୍ରାମରେ ପାଗଳ ବିଲୁଆ କାମୁଡାରେ ୧୧ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬ ଜଣ ମହିଳା, ୨ ବର୍ଷର ଶିଶୁକନ୍ୟା ଓ ୭ ବର୍ଷର ବାଳିକା ଅଛନ୍ତି। ଆହତ ମହିଳା ପୁରୁଷ ଜଳେଶ୍ୱରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ହେଉଥିବା ଚିକିତ୍ସାଧିକାରୀ ଡା. କମଳାକାନ୍ତ ଜେନା ସୂଚନା ଦେଇଛନ୍ତି। ଏହି ଅଞ୍ଚଳରେ ଦୁଇଟି ପାଗଳ ବିଲୁଆ ଲୋକଙ୍କୁ କାମୁଡି କ୍ଷତାକ୍ତ କରିଥିବା ବେଳେ ଉତ୍ତର ଭୋଗରାଇରେ ଗୋଟିଏ ପାଗଳା ବିଲୁଆକୁ ଲୋକେ ଗୋଡ଼ାଇ ମାରି ଦେଇଛନ୍ତି।

### କମ୍ପାନୀର ୩.୩୩ ଲକ୍ଷ ଟଙ୍କା ଲୁଟି କଲେକ୍ସନ୍ ଏଜେଣ୍ଟ, ୨ ସହଯୋଗୀ ଗିରଫ

ଭୁବନେଶ୍ୱର,୩୧।୧୦(ସତ୍ୟଜିତ୍ ରାଉତ)

ଆଇସିସି କମ୍ପାନୀର ଫ୍ରାଞ୍ଚାଇଜ୍ 'ସ୍ୱସ୍ତିକ ଏଣ୍ଟରପ୍ରାଇଜେସ୍'ର ୩.୩୩ ଲକ୍ଷ ଟଙ୍କାକୁ ଆତ୍ମସାତ୍ କରି କଲେକ୍ସନ୍ ଏଜେଣ୍ଟ କରିଥିଲେ ଲୁଟ୍ ଡ୍ରାମା। ହେଲେ ପୋଲିସର ତଦନ୍ତ ବେଳେ ଏହି ନାଟକ ଧରାପଡ଼ିଯାଇଛି। ତମାଣ୍ଡୋ ଥାନା ପୋଲିସ କଲେକ୍ସନ୍ ଏଜେଣ୍ଟ ଓ ଦୁଇ ସହଯୋଗୀଙ୍କୁ ମଙ୍ଗଳବାର ଗିରଫ କରି ଘଟଣାର ରହସ୍ୟ ଉନ୍ମୋଚନ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲେକ୍ସନ ଏଜେଣ୍ଟ ତଥା ଭରତପୁର ଥାନା ଅନ୍ତର୍ଗତ ତାରିଣୀ ବସ୍ତିରେ ରହୁଥିବା ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଜୟନ୍ତ କୁମାର ସାହୁ, ତାଙ୍କ ସହଯୋଗୀ ତଥା ପିଉସୀ ପୁଅ ନିଶାକାନ୍ତ ସାହୁ ଓ କଳିଙ୍ଗ ଷ୍ଟୁଡିଓ ଛକ ପାଖ ଓଁକାର ବସ୍ତିର ଜି. ରାଜୁ ସାହୁ। ସେମାନଙ୍କଠାରୁ ଲୁଟ୍ ଟଙ୍କାରୁ ମାତ୍ର ୧୪ ହଜାର ଟଙ୍କା ଓ ଦୁଇଟି ବାଇକ ଜବତ ହୋଇଛି। ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାଲିକ ଆକାଶ ଜୈନଙ୍କ ଅଭିଯୋଗ ଆଧାରରେ ପୋଲିସ ଏହି ପଦକ୍ଷେପ ନେଇଛି।

# ଧରାପଡ଼ିଲେ ନକଲି ଉତ୍ତରାଧିକାରୀ

### ଜାଲିଆତି କରି ଜମି ବନ୍ଧକ ରଖିବା ଉଦ୍ୟମ

ଉଦଳା,୩୧।୧୦
(ସନ୍ତୋଷ କୁମାର ବାଛିନୀ)

ଘରୋଇ ସଂସ୍ଥାରେ ଋଣ କରିବା ପାଇଁ ମୃତକଙ୍କ ଝିଅ ସାଜି ଜମି ବନ୍ଧା ପକାଇବାକୁ ଯାଇଥିବା ବେଳେ ଉଦଳା ପୋଲିସ ଦ୍ୱାରା ଜଣେ ମହିଳା ଗିରଫ ହୋଇଛନ୍ତି। ନକଲି ଉତ୍ତରାଧିକାରୀ ସାଜିଥିବା ଏହି ମହିଳାଙ୍କୁ ପୋଲିସ ପଚରାଉଚରା ଜାରି ରଖିଛି।

ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲା ଖୁଣ୍ଟା ଥାନା ପୁରୁଣା ବାରିପଦା ଖଡିକାପଦା ଗ୍ରାମର ଜଗବନ୍ଧୁ ବେହେରାଙ୍କର ମୃତ୍ୟୁ ହୋଇଛି। ତାଙ୍କର ଖଡିକାପଦା ମୌଜାରେ ପ୍ଲଟ ନଂ.୩୭୨ରେ ଘରବାରି ଜମି ରହିଛି। ଜଗବନ୍ଧୁଙ୍କ ମୃତ୍ୟୁ ପରେ ଉକ୍ତ ଜମିର ୪ ଜଣ ଉତ୍ତରାଧିକାରୀ ରହିଛନ୍ତି। ଜଗବନ୍ଧୁଙ୍କ ପୁଅ ଅଶୋକ ବେହେରା, ସରୋଜ ବେହେରା, ଝିଅ ମନୋରମା ସାହୁ ଏବଂ ସ୍ତ୍ରୀ ସାବିତ୍ରୀ ବେହେରା। ଉକ୍ତ ଜମିକୁ ୫ ଲକ୍ଷ ଟଙ୍କାରେ ବନ୍ଧା ପକାଇ ଲୋନ୍ ନେବା ନିମନ୍ତେ ଏକ ଘରୋଇ ଋଣ ସଂସ୍ଥା ନିକଟରେ ପହଞ୍ଚିଥିଲେ ମୃତ ଜଗବନ୍ଧୁଙ୍କ ଉତ୍ତରାଧିକାରୀ। ହେଲେ ଉକ୍ତ କାଗଜପତ୍ର ଯେତେବେଳେ ସବରେଜିଷ୍ଟ୍ରାର ଅଫିସରେ ରେଜିଷ୍ଟ୍ରି ନିମନ୍ତେ ପହଞ୍ଚିଲା ସେତେବେଳେ ସାମ୍ନାକୁ ଆସିଥିଲା ସାଂଘାତିକ ଠକାମୀର ଚିତ୍ର। ମୃତ ଜଗବନ୍ଧୁଙ୍କ ଜମିର ଦାବିଦାର ହୋଇ ଆସିଥିବା ୪ ଜଣଙ୍କ ମଧ୍ୟରୁ ଝିଅ ମନୋରମା ସାହୁଙ୍କ ବଦଳରେ ଅନ୍ୟ ଜଣେ ମହିଳା ଆସି ଜମି କାଗଜପତ୍ରରେ ଜାଲ ଦସ୍ତଖତ କରିଥିଲେ। ନକଲି ଆଧାର କାର୍ଡ ଦେଇ ସେ ଜମି ବନ୍ଧକ କରାଇବା ନିମନ୍ତେ ରେଜିଷ୍ଟ୍ରି ସମୟରେ ଦସ୍ତଖତ ମାରିଥିବା ବେଳେ ଆଧାର କାର୍ଡରେ ଫିଙ୍ଗର ପ୍ରିଣ୍ଟ ନ ନେବାରୁ ସେ ମନୋରମା ସାହୁ ନୁହେଁ ବୋଲି ସବରେଜିଷ୍ଟ୍ରାର ଜାଣିବାକୁ ପାଇଥିଲେ। ଫଳରେ ଜାଲିଆତି କରି ଉକ୍ତ ଜମିର ରେଜିଷ୍ଟ୍ରି କରାଇ ଟଙ୍କା ହଡପ କରିବାକୁ ଯୋଜନା କରାଯାଇଥିବା ଜାଣିପାରି ରେଜିଷ୍ଟ୍ରିକୁ ବନ୍ଦ କରିବା ସହିତ ଉକ୍ତ ଠକ ମହିଳାଙ୍କ ନାମରେ ସବରେଜିଷ୍ଟ୍ରାର ଥାନାରେ ଏତଲା ଦେଇଥିଲେ। ଉଦଳା ପୋଲିସ୍ ତାଙ୍କୁ ଗିରଫ କରି ପଚରାଉଚରା ଜାରି ରଖିଛି। ଗିରଫ ମହିଳା ଜଣକ ଉତ୍ତରାଧିକାରୀ ଅଶୋକଙ୍କ ଖୁଡ଼ି ହୋଇଥିବା ବେଳେ ସେ ଏହି ଜାଲିଆତି ବାବଦରେ କିଛି ଜାଣି ନ ଥିବା କହିଛନ୍ତି।

## ରାଷ୍ଟ୍ରୀୟ ଏକତା ଦିବସରେ ଶପଥପାଠ



ଜିଲା କାର୍ଯ୍ୟାଳୟରେ ଅଧିକାରୀମାନେ ଶପଥପାଠ କରୁଛନ୍ତି।

ଭଦ୍ରକ/ଧାମନଗର,୩୧।୧୦(ସନାତନ ରାଉତ/ସନ୍ତୋଷ କୁମାର ମହାପାତ୍ର)

ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜନ୍ମଦିବସ ଅବସରରେ ଭଦ୍ରକ ଜିଲା ପ୍ରଶାସନ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ମଙ୍ଗଳବାର ପାଳନ କରାଯାଇଛି। ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଅତିରିକ୍ତ ଜିଲାପାଳ ଶାନ୍ତନୁ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତା ଏବଂ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କାର୍ତ୍ତିକ ନାଥ ମଣ୍ଡଳ, ଜିଲା ସଂସ୍କୃତି ଅଧିକାରୀ ତନୁଜା ସିର୍କା, କ୍ରୀଡ଼ା ଅଧିକାରୀ ପଦ୍ମନ ରାୟ ପ୍ରମୁଖ ଯୋଗ ଦେଇଥିଲେ। ରାଷ୍ଟ୍ରର ଏକତା, ଅଖଣ୍ଡତା ଏବଂ ସୁରକ୍ଷା ବଜାୟ ରଖିବା ଦିଗରେ ସମସ୍ତେ ନିଜକୁ ସମର୍ପିତ କରିବା ଓ ଏହି ବାର୍ତ୍ତା ପ୍ରସାର କରିବା ନେଇ ଶପଥପାଠ କରିଥିଲେ। ଅତିରିକ୍ତ ଜିଲାପାଳ ଉପସ୍ଥିତ ଜିଲା କାର୍ଯ୍ୟାଳୟର ସମସ୍ତ କର୍ମଚାରୀଙ୍କୁ ଶପଥପାଠ କରାଇଥିଲେ।

ସେହିପରି ଧାମନଗର ଥାନା ପରିସରରେ ସମସ୍ତ କର୍ମଚାରୀ ରାଷ୍ଟ୍ରୀୟ ଏକତା ଦିବସରେ ଶପଥ ଗ୍ରହଣ କରିଛନ୍ତି। ଏସ୍‌ଡିପିଓ ବିଜୟକୃଷ୍ଣ ମହାପାତ୍ର, ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ନୋରେନ ଖୁଜୁର୍, ଏଏସ୍‌ଆଇ ରାଜେଶ ସେଠୀଙ୍କ ସମେତ ସମସ୍ତ ଅଧିକାରୀ ଓ କର୍ମଚାରୀ ଶପଥ ନେଇଥିଲେ।

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟ ପରିସରରେ ବିଶାଳ ମାନବଶୃଙ୍ଖଳ



ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ।

ବାଲେଶ୍ୱର, ୩୧।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଜିଲା ରେମୁଣା ବ୍ଲକ ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ବିଭାଗ ଦ୍ୱାରା ମଙ୍ଗଳବାର ରାଷ୍ଟ୍ରୀୟ ଏକତା ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ଶପଥପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଯୋଗଦେଇ ବିଶ୍ୱବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ବୃନ୍ଦ ଓ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଶପଥପାଠ କରାଇଥିଲେ। ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ଉପସ୍ଥିତ ହୋଇ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୀବନୀ ଉପରେ ଆଲୋକପାତ କରି ଏହି ଏକତା ଦିବସ ପାଳନର ମହତ୍ତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ ଓ ଅନ୍ୟାନ୍ୟ ବିଭାଗର ପ୍ରମୁଖ ଉପସ୍ଥିତ ହୋଇ ଏକତା ହିଁ ଆମ ଶକ୍ତିର ପ୍ରତୀକ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହିତ ସମସ୍ତେ ଏକତ୍ରିତ ହୋଇ ଏକ ବିଶାଳ ମାନବଶୃଙ୍ଖଳ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମକୁ ଏନ୍‌ଏସ୍‌ଏସ୍ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ ସଞ୍ଚାଳନ କରିଥିଲେ।

## ସ୍ତ୍ରୀ ହତ୍ୟା ମାମଲା: ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

ବାଲେଶ୍ୱର, ୩୧।୧୦(ମାନସ ବିଶ୍ୱାଳ)

ବାଲେଶ୍ୱର ଓପିଆଇଡି କୋର୍ଟର ବିଚାରପତି ବିଶ୍ୱଜିତ ଦାସ ମଙ୍ଗଳବାର ବନ୍ଦ ଘରେ ସ୍ତ୍ରୀଙ୍କୁ କିରୋସିନି ଢ଼ାଳି ପୋଡ଼ି ହତ୍ୟା କରିବା ମାମଲାର ବିଚାର କରି ଅଭିଯୁକ୍ତ ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୫ ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ୧ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତ ୨୦୨୧ରେ ବାଲେଶ୍ୱର ଜିଲା ଶିଳ୍ପାଞ୍ଚଳ ଥାନା ଅଧୀନ ନୂଆଗାଁରେ ଯୌତୁକଜନିତ ବୀଭତ୍ସ ହତ୍ୟାକାଣ୍ଡ ଘଟିଥିଲା। ସ୍ୱାମୀ ତାପସ ପ୍ରଧାନ ସ୍ତ୍ରୀ ସରୋଜିନୀଙ୍କୁ ବନ୍ଦ ଘରେ କିରୋସିନି ଢାଳି ପୋଡ଼ି ଦେବା ପରେ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ସରୋଜିନୀଙ୍କ ପରିବାର ଲୋକେ ଶିଳ୍ପାଞ୍ଚଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଶିଳ୍ପାଞ୍ଚଳ ଥାନାରେ ଏକ ମାମଲା (ନଂ. ୩୪/୨୧) ରୁଜୁ ହୋଇ ବିଚାରାଧୀନ ଥିଲା। ମୋଟ ୧୪ଜଣ ସାକ୍ଷୀ, ୨୦ଟି ଦଲିଲ ଓ ଦସ୍ତାବିଜକୁ ଆଧାର କରି ବିଚାରପତି ଉପରୋକ୍ତ ଦଣ୍ଡର ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲାର ପରିଚାଳନା କରୁଥିଲେ।

## ରାଷ୍ଟ୍ରୀୟ ଏକତା ପାଇଁ ଶପଥ




ମଞ୍ଚାସୀନ ଅତିଥିମାନେ।

### ଚନ୍ଦ୍ରଶେଖର ମହାବିଦ୍ୟାଳୟରେ ରାଷ୍ଟ୍ରୀୟ ଏକତା ଦିବସ

ଚମ୍ପୁଆ,୩୧।୧୦(ମହେଶ୍ୱର ଦାସ)

ଚମ୍ପୁଆ ଚନ୍ଦ୍ରଶେଖର ମହାବିଦ୍ୟାଳୟଠାରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ରାଷ୍ଟ୍ରୀୟ ଏକତା ଦିବସ ପାଳିତ ହୋଇଯାଇଛି। ଏନ୍‌ଏସ୍‌ଏସ୍ ଅଧିକାରୀ ଡ. ସୁନିଲ କୁମାର ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଯୋଗଦେଇ ଜାତୀୟ ଏକତା ଗଠନ କରିବାରେ ସର୍ଦ୍ଦାର ବଲ୍ଲଭ ଭାଇ ପଟେଲଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଚମ୍ପେଶ୍ୱର ମିଶ୍ର, ପୂର୍ଣ୍ଣଚନ୍ଦ୍ର ଗିରି, ପ୍ରଶାନ୍ତ ନନ୍ଦ, ପ୍ରଧାପକ ସ୍ୱାଧୀନ କୁମାର ସିଂହ, ଗୋପବନ୍ଧୁ ମହାନ୍ତ, ସନ୍ତୋଷ କୁମାର ଗିରି ପ୍ରମୁଖ ଯୋଗଦେଇ ରାଷ୍ଟ୍ର ଗଠନ ଓ ରାଷ୍ଟ୍ରୀୟ ଏକତା ତଥା ଅଖଣ୍ଡତା ବଜାୟ ରଖିବା ପାଇଁ ଛାତ୍ରଛାତ୍ରୀଙ୍କ କର୍ତ୍ତବ୍ୟ ଉପରେ ମତ ରଖିଥିଲେ। ଏହି ପରିପ୍ରେକ୍ଷୀରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି ଅଧିକାରୀମାନେ ଜାତୀୟ ଏକତା ଓ ଜାତୀୟ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ। ପ୍ରଧାପିକା ରଶ୍ମିରେଖା ବେହେରା ଧନ୍ୟବାଦ ଦେଇଥିଲେ।

## ଛତାବର-ନୀଳକ ରାସ୍ତା ଶୋଚନୀୟ
## ତୁରନ୍ତ ନିର୍ମାଣ ଲାଗି ଭାଜପାର ଦାବି



ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ଭାଜପା ପ୍ରତିନିଧି ଦଳ।

ଭଦ୍ରକ, ୩୧।୧୦ (ରବିନାରାୟଣ ଖିଲାର)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଛତାବର-ନୀଳକ ୧୬ କିଲୋମିଟର ପୂର୍ତ୍ତ ବିଭାଗ ରାସ୍ତାରେ କୌଣସି ଆଖିଦୃଶିଆ କାର୍ଯ୍ୟ ହୋଇନାହିଁ। ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରଶସ୍ତୀକରଣ ପାଇଁ ପକାଯାଉଥିବା ମାଟି ସବୁ ସ୍ଥାନରେ ମଧ୍ୟ ପଡ଼ିନାହିଁ। ରାସ୍ତାର ଅବସ୍ଥା ଏଭଳି ଶୋଚନୀୟ ହୋଇପଡ଼ିଛି ଯେ ଯାନବାହନ ଚଳାଚଳ ବିପଜ୍ଜନକ ହୋଇଛି। ବର୍ଷାଋତୁ ବିତିବାର ମାସେ ପରେ ବି ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ତ ଦୂରର କଥା ବିଭିନ୍ନ ସ୍ଥାନରେ ହୋଇଥିବା ଗାଡ଼ଗୁଡ଼ିକର ମରାମତି ପାଇଁ ସମ୍ପୃକ୍ତ ଠିକାଦାର ମଧ୍ୟ ଦୃଷ୍ଟି ଦେଉନାହାନ୍ତି। ଫଳରେ ଭଣ୍ଡାରିପୋଖରୀ ବ୍ଲକର ଏହି ପ୍ରମୁଖ ରାସ୍ତାଟି ଏବେ ଶୋଚନୀୟ ହୋଇପଡ଼ିଛି।

୧୬ ନମ୍ବର ଜାତୀୟ ରାଜପଥର ଛତାବରଠାରେ ସଂଯୁକ୍ତ ଏହି ରାସ୍ତା ଉଭୟ ଯାଜପୁର ଓ କେନ୍ଦୁଝର ଜିଲା ସହ ସଂଯୋଗକାରୀ ରାସ୍ତା ଭାବେ ପରିଚିତ। ମଞ୍ଜୁରୀରୋଡ୍ ରେଳ ଷ୍ଟେଶନ, ନାଆଁମୀ ମହାବିଦ୍ୟାଳୟ, ନୀଳକ ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଜନସାଧାରଣ ଯାତାୟାତ ଲାଗି ଉକ୍ତ ରାସ୍ତା ଉପରେ ନିର୍ଭର କରନ୍ତି। ରାସ୍ତା ନିର୍ମାଣ ପୂର୍ବରୁ ସୂଚନାଫଳକ ମଧ୍ୟ ଲଗାଯାଇ ନ ଥିବାରୁ ଏହି ରାସ୍ତା କେତେ ଅର୍ଥ ବ୍ୟୟ ଅଟକଳରେ କେବେ ଶେଷ ହେବ ସେନେଇ ସର୍ବସାଧାରଣ ଜାଣିପାରୁ ନାହାନ୍ତି। ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସହ ଗେଟି ଉଠିଥିବାରୁ ଯାନ ଚଳାଚଳ କଷ୍ଟକର ହୋଇପଡ଼ିଥିବାରୁ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏଥିପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ତ୍ୱରିତ ଗତି ଦେବା ପାଇଁ ଭାଜପାର ଭଣ୍ଡାରିପୋଖରୀ ଶାଖାର ଏକ ପ୍ରତିନିଧି ଦଳ ମଙ୍ଗଳବାର ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଦଳର ବିଧାନସଭା ସଂଯୋଜକ ପ୍ରକାଶ ମହାପାତ୍ର, ଜିଲା ସମ୍ପାଦିକା ତପସ୍ୱିନୀ ମହାପାତ୍ର, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ ରାଉତ, ରୁକ୍ମିଣୀ ଦାସ, ସୁରେଶ ଦାସ, ପ୍ରଦୀପ ପାଢ଼ୀ, ପ୍ରଦ୍ୟୁମ୍ନ ସେନାପତି, ତରଣୀସେନ ପଣ୍ଡା, କୈଳାସ ସାହୁ, ଶୁଭ୍ରଜିତ ପଣ୍ଡା, ରମାକାନ୍ତ ବାରିକ ପ୍ରମୁଖ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ଶାନ୍ତନୁ ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ତୁରନ୍ତ ଉକ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅତିରିକ୍ତ ଜିଲାପାଳ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ରାଇବଣିଆ ଦୁର୍ଗ ମୁଖଶାଳାରୁ ଖସିଲା ପଥର

ରାଇବଣିଆ, ୩୧।୧୦(ନବୀନ ସାହୁ)

ଜଳେଶ୍ୱର ବ୍ଲକର ରାଇବଣିଆ ଏକ ବିଶ୍ୱସ୍ତରୀୟ ପର୍ଯ୍ୟଟନ ସ୍ଥଳର ବିକାଶ ପାଇଁ ମାନ୍ୟତା ପାଇଥିବା ବେଳେ ରାଇବଣିଆ ଦୁର୍ଗର ମୁଖଶାଳରୁ ପଥର ଖସିଛି। ରାଇବଣିଆ ଦୁର୍ଗକୁ ପ୍ରବେଶ ପାଇଁ ଦୁଇଗୋଟି ପ୍ରବେଶଦ୍ୱାର ଗେଟ ବାବଦକୁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ଗୋଟେ ଗେଟ କାମ ବର୍ଷେ ନ ପୂରୁଣୁ ଉପର ଭାଗରୁ ମାଙ୍କଡ଼ା ପଥର ଖସି ପଡ଼ିଲାଣି। ତେବେ ମୁଗୁନି ପଥରରେ ନିର୍ମାଣ ହେବାକୁ ଥିବା ଗେଟରେ ଦେଶୀ ମାଙ୍କଡ଼ାପଥର ଲଗାଇ ଠିକାଦାର ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭଯୋଗ ଆଣିଛନ୍ତି ସ୍ଥାନୀୟ ବାସିନ୍ଦା। କୌଣସି ନାମ ଫଳକ ନ ଥାଇ କାମ ହେଉଥିବା ଅଭିଯୋଗ ହୋଇଛି। ତେଣୁ ନିମ୍ନମାନ ର କାର୍ଯ୍ୟ କରିଥିବା ଠିକାଦାର ଏବଂ ବିଭାଗର ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କଂଗ୍ରେସ ଦଳର ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ, ଭାଜପା ନେତା ଶାନ୍ତନୁ ପଟ୍ଟନାୟକ, ପୂର୍ବତନ ଜଳେଶ୍ୱର ବ୍ଲକ୍ ଚେୟାରମ୍ୟାନ ସୁକୁମାର ଘୋଷ, ଅଜୟ ବେହେରା, ନାରାୟଣ ଦାସ, ସୁକାନ୍ତ ଦାସ, ଶ୍ରୀମନ୍ତ ଦାସ ପ୍ରମୁଖ ଦାବି କରିଛନ୍ତି। ଏ ନେଇ ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କୁ ପଚାରିବାରୁ ଏହାର ତୁରନ୍ତ ମରାମତି କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## କୁଳିଅଣାରେ ଗଣଦୌଡ଼




ଗଣଦୌଡ଼ରେ ସାମିଲ ପ୍ରତିଯୋଗୀମାନେ।

କୁଳିଅଣା,୩୧।୧୦(ଆଦିକନ୍ଦ ସାହୁ)

ରାଷ୍ଟ୍ରୀୟ ଏକତା ଦିବସ ଅବସରରେ କୁଳିଅଣାଠାରେ ଏକ ଗଣଦୌଡ଼ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏମ୍‌ପିଙ୍କ ପ୍ରତିନିଧି ବିଶ୍ୱନାଥ ବସାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଆଦିବାସୀ ମୋର୍ଚ୍ଚାର ଉପସଭାପତି ଫାଗୁ ହାଁସଦା ଯୋଗଦେଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। କୁଇଲିସୁତା ଖେଳ ପଡ଼ିଆରୁ ଗଣଦୌଡ଼ ଆରମ୍ଭ ହୋଇ କୁଳିଅଣା ବଜାର ପର୍ଯ୍ୟନ୍ତ ଆସିଥିଲା। ଏଥିରେ ମଣ୍ଡଳ ସଭାପତି ସୁଶାନ୍ତ ବାରିକ, ବିଶ୍ୱହିନ୍ଦୁ ପରିଷଦ ବ୍ଲକ ସଭାପତି ବିଶ୍ୱଜିତ ଭଞ୍ଜଦେଓ, ଭାଜପା ମଣ୍ଡଳ ସଭାପତି ମାନସିଂ ସୋରେନ, ବଜରଙ୍ଗ ଦଳ ସଭାପତି ସମୀର ପାତ୍ର, ଯୁବ ନେତା ମକରଧ୍ୱଜ ମୁର୍ମୁ, ଜିଲା କମିଟି ସଦସ୍ୟ ଆନନ୍ଦ ଚନ୍ଦ୍ର ବେହେରା, ଯୁବ ମୋର୍ଚ୍ଚା ସଭାପତି ଉତ୍ତମ କୁମାର ବସା, ମିଡିଆ ସେଲର ସୌମ୍ୟରଞ୍ଜନ ବେହେରା, ସଞ୍ଜୟ ବିନ୍ଧାଣି, ରାମେଶ୍ୱର ହାଁସଦା, ତ୍ରୈଲୋଚନ ପାତ୍ର, ଅଜିତ କୁମାର ଶେଜପଡା, ନିର୍ମଳ ବେହେରା, ସୁକାନ୍ତ ମୁର୍ମୁ, ଅନନ୍ତ ମୁର୍ମୁ, ଦିଲ୍ଲୀପ ମୁର୍ମୁ, ସକିଲା ହାଁସଦା, ମହେଶ୍ୱର ମହାନ୍ତ, ତାରାକାନ୍ତ ବାରିକ ପ୍ରମୁଖ ଗଣଦୌଡରେ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଯୁବକ ଅଂଶ ଗ୍ରହଣ କରିଥିବାବେଳେ ଭାଜପାର ଅନ୍ୟ ନେତୃବୃନ୍ଦ ସାମିଲ ଥିଲେ।

## ସରକାରକୁ ଆସିଲେ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଜେଲ ପଠାଇବୁ: କଂଗ୍ରେସ

ଭଦ୍ରକ,୩୧।୧୦(ସନାତନ ରାଉତ)

ଓଡ଼ିଶାରେ ଭାଜପା ଓ ବିଜେଡି ମଧ୍ୟରେ ଭିତିରି ବୁଝାମଣା ଚାଲିଛି। ରାଜ୍ୟବାସୀଙ୍କୁ ଷଡ଼ଯନ୍ତ୍ର କରି ବିଜେଡି ସରକାର ଚଳାଇଛି। ବିଜେଡି ସରକାରରେ ଅଧିକାରୀମାନେ ଦୁର୍ନୀତିଗ୍ରସ୍ତ ହୋଇ ରାଜ୍ୟ ରାଜକୋଷ ଲୁଟି ଚାଲିଛନ୍ତି। କଂଗ୍ରେସ ଓଡ଼ିଶାରେ ସରକାରକୁ ଆସିଲେ ସମ୍ପୃକ୍ତ ଅଧିକାରୀଙ୍କୁ ଜେଲ ପଠାଇବୁ ବୋଲି ଭଦ୍ରକ ଜିଲା କଂଗ୍ରସ କାର୍ଯ୍ୟାଳୟରେ ଆହୂତ ଖବରଦାତା ସମ୍ମିଳନୀରେ ଜିଲା ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର କହିଛନ୍ତି। ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ରାଜ୍ୟ ମହିଳା ସାଧାରଣ ସମ୍ପାଦିକା ଅମିତାବାଳା ଆଚାର୍ଯ୍ୟ, ବରିଷ୍ଠ ନେତା ବିଦ୍ୟାଧର ଜେନା, ଜିଲା ଯୁବ କଂଗ୍ରେସ ଉପସଭାପତି ବଳରାମ ରାଉତ, ବିଧାନସଭା ଯୁବ କଂଗ୍ରେସ ସଭାପତି ଇଲିୟାସ ଅଲ୍ଲୀ ଖାଁ, ଧାମନଗର ବିଧାନସଭା ଯୁବ କଂଗ୍ରେସ ସଭାପତି ଆଲୋକ ସ୍ୱାଇଁ, ଭଦ୍ରକ ଯୁବ କଂଗ୍ରେସ ସଭାପତି ସୁଶାନ୍ତ ଦାସ ପ୍ରମୁଖ ଖବରଦାତା ସମ୍ମିଳନୀରେ ଉପସ୍ଥିତ ଥିଲେ।




ଖବରଦାତା ସମ୍ମିଳନୀରେ କଂଗ୍ରସର ମୁଖ୍ୟ ମୁଖପାତ୍ର ଶୁଭେନ୍ଦୁ ରାୟ ମହାପାତ୍ର ଓ ଅନ୍ୟମାନେ।

## ଯୁବତୀଯୁବକଙ୍କ ଲାଗି ଆକର୍ଷଣ ସେଲ୍‌ଫିକର୍ନର

### ୬୯ ବର୍ଷରେ ଗୌଡ଼ପଡ଼ା ଲକ୍ଷ୍ମୀପୂଜା

ସିମୁଳିଆ, ୩୧।୧୦(ସନ୍ତୋଷ ନାୟକ)

୧୯୫୪ରେ ଆରମ୍ଭ ହୋଇଥିବା ଜାମୁଝାଡ଼ି ଗୌଡ଼ପଡ଼ା ଅଞ୍ଚଳର ସାର୍ବଜନୀନ ଲକ୍ଷ୍ମୀପୂଜା ୬୯ବର୍ଷରେ ପାଳିତ ହେଉଛି। ଗତ ଶନିବାରରୁ ଆରମ୍ଭ ହୋଇଥିବା ଏହି ପୂଜା ଆସନ୍ତା ୭ଦିନ ବ୍ୟାପୀ ପାଳିତ ହେବ। ଏହି ଅବସରରେ ସୁନ୍ଦର ତୋରଣ ସହିତ ପୂଜାମଣ୍ଡପରେ ମା' ଲକ୍ଷ୍ମୀଙ୍କ ସମେତ ପ୍ରଭୁ ନାରାୟଣ, ଗଣେଶ, କାର୍ତ୍ତିକ, ମା' ସରସ୍ୱତୀ ଓ ମହାଲକ୍ଷ୍ମୀ ପୂଜା ପାଉଛନ୍ତି। ପାର୍ଶ୍ୱ ମୂର୍ତ୍ତି ରୂପେ ପୌରାଣିକ ନାଗଫାଶ ଓ ଚଳିତବର୍ଷ ନଦୀରେ କୁମ୍ଭୀର ଆତଙ୍କ ସ୍ଥାନ ପାଇଛି। ପୂଜକ ରୂପେ ଅକ୍ଷୟ ପତି ଓ ଭାସ୍କର ପାଢ଼ୀ ଅଛନ୍ତି। ଉତ୍ସବ ପଡ଼ିଆରେ ସେଲଫି କର୍ନର ଯୁବତୀଯୁବକଙ୍କ ଲାଗି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ପୂଜା ପଡ଼ିଆରେ ବିଭିନ୍ନ ଦୋଳି, ଚକ୍ରି, ମନୋହରି ଦୋକାନ ବଜାର ସହିତ ବିଭିନ୍ନ ଖାଦ୍ୟର ଦୋକାନ ବସିଛି। ଆସନ୍ତା ଗୁରୁବାରଠାରୁ ୩ଦିନ ବ୍ୟାପୀ ଅପେରା ସାମାଜିକ ନାଟକ ମଞ୍ଚସ୍ଥ ହେବ। ଅନୁଷ୍ଠାନ ସଭାପତି ଉପେନ୍ଦ୍ର ବିଶ୍ୱାଳ, ସମ୍ପାଦକ ଜୟନ୍ତ କୁମାର ବିଶ୍ୱାଳ,



କୋଷାଧ୍ୟକ୍ଷ ଦେବବ୍ରତ ପାଣିଗ୍ରାହୀଙ୍କ ସମେତ ୧୪ଜଣ କର୍ମକର୍ତ୍ତା ସକ୍ରିୟ ରୂପେ ପୂଜା ଦାୟିତ୍ୱରେ ଅଛନ୍ତି। ଏ ସମ୍ପର୍କରେ ସଭାପତି ଉପେନ୍ଦ୍ର ବିଶ୍ୱାଳ କହନ୍ତି ଏହା ସାର୍ବଜନୀନ ପୂଜା ହୋଇଥିବାରୁ ସ୍ଥାନୀୟ ଅଞ୍ଚଳର ପ୍ରତ୍ୟେକ ଯୁବକ ଏହି କମିଟିରେ ସଭ୍ୟ ଅଛନ୍ତି। ସମସ୍ତଙ୍କ ପ୍ରତ୍ୟକ୍ଷ ଓ ପରୋକ୍ଷ ସହଯୋଗରେ ଏହି ଉତ୍ସବ ପାଳିତ ହୋଇଆସୁଛି। ଆସନ୍ତାବର୍ଷ ପଡ଼ିଆର ଆକାର ବୃଦ୍ଧି କରାଯିବା ସହିତ ଅଧିକ ସୁନ୍ଦର ପାଇଁ ପ୍ରୟାସ ରହିଥିବା ସେ ସୂଚନା ଦେଇଛନ୍ତି।

ସେହିପରି ଗାଁ ମାର୍କୋଣା ପୂଜାମଣ୍ଡପରେ ମା' ମହାଲକ୍ଷ୍ମୀଙ୍କ ୬୨ତମ ସାର୍ବଜନନୀନ ପୂଜା ପାଳିତ ହେଉଥିବା ସଭାପତି ଇନ୍ଦ୍ରମଣି ବୋଇତି ଓ ସମ୍ପାଦକ ସତ୍ୟବ୍ରତ ଗାହାଣ ସୂଚନା ଦେଇଛନ୍ତି। ଏଠାରେ ପାର୍ଶ୍ୱ ମୂର୍ତ୍ତି ରୂପେ ଟ୍ରେନ୍ ଦୁର୍ଘଟଣା ସ୍ଥାନ ପାଇଛି। ସେହିପରି ପାଟୁଳୀ, ଖଡ଼ିଗଡ଼ିଆ, ମଇତାପୁର, ମାର୍କୋଣା ମେଡିକାଲ ଛକର ଲକ୍ଷ୍ମୀ ମାର୍କେଟ ଦ୍ୱାରା ମା'ଙ୍କ ପୂଜା ଉତ୍ସବ ସହିତ ପ୍ରସାଦବର୍ଣ୍ଟନ, ଭଜନ, ମେଲୋଡ଼ି ଓ ଶିଶୁ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

**ଦୁର୍ଘଟଣାରେ ପ୍ରଧାନ ଆଚାର୍ଯ୍ୟଙ୍କ ମୃତ୍ୟୁ**

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଟାଉନ ଥାନା ଅଧୀନ ୪୯ନଂ. ଜାତୀୟ ରାଜପଥର ଧରଣୀଧର ମେଡିକାଲ କଲେଜ ନିକଟରେ ଦୁର୍ଘଟଣାରେ ଜଣେ ପ୍ରଧାନ ଆଚାର୍ଯ୍ୟଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଲଳିତ କୁମାର ମହାନ୍ତ(୪୮)। ତାଙ୍କ ଘର ଚମ୍ପୁଆ ବ୍ଲକ ଗୁରୁଡୁଙ୍ଗା ଥାନା ଅଧୀନ ଜଜପଣି ଗ୍ରାମରେ। ରାଉସୁଆଁ ସ୍ୱରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସେ ପ୍ରଧାନ ଆଚାର୍ଯ୍ୟ ଭାବେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ସକାଳେ ସ୍କୁଟିରେ ଶିଶୁମନ୍ଦିର ଯାଉଥିବାବେଳେ ଏକ ଅଜଣାଗାଡ଼ି ତାଙ୍କୁ ଧକ୍କା ଦେଇଥିଲା।



## ସଂକ୍ଷେପରେ

### ଜିତେନ୍ଦ୍ରଙ୍କ ନିଯୁକ୍ତିକୁ ସ୍ୱାଗତ

ବାରିପଦା,୩୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ) ବିଜେଡି ସଭାପତି ନବୀନ ପଟ୍ଟନାୟକ ମଙ୍ଗଳବାର ମୟୂରଭଞ୍ଜ ଜିଲାର ଦୁଇ ବିଜେଡି ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦେଇଛନ୍ତି।



ଜିତେନ୍ଦ୍ର ମହାନ୍ତି (ନଛି)ଙ୍କୁ ମୟୂରଭଞ୍ଜ ସାଙ୍ଗଠନିକ ଜିଲା କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତ କରିଥିବା ବେଳେ ସଞ୍ଜିନ୍ଦ୍ର ଦାସଙ୍କୁ ସାଙ୍ଗଠନିକ ଜିଲା(ସଦର)ର ଉପସଭାପତି ଭାବେ ନିଯୁକ୍ତ କରିଛନ୍ତି। ଜିତେନ୍ଦ୍ରଙ୍କ ନିଯୁକ୍ତିକୁ ଦଳ ପକ୍ଷରୁ ସ୍ୱାଗତ କରାଯାଇଛି। ପୂର୍ବରୁ ଜିତେନ୍ଦ୍ର ଛାତ୍ର ଜନତା ଓ ଯୁବ ବିଜେଡିର କର୍ମକର୍ତ୍ତା ରହି ଦଳର ସଙ୍ଗଠନକୁ ସୁଦୃଢ କରି ଆସିଛନ୍ତି। ବାରିପଦା ପୌରପାଳିକାର ଉପ ନଗରପାଳ ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି। ସେ ବର୍ତ୍ତମାନ ଜିଲା ଯୋଜନା ବୋର୍ଡର ଏକ୍ସପର୍ଟ ସଦସ୍ୟ ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ସଞ୍ଜିନ୍ଦ୍ର ରାଇରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବହଳଦା ବ୍ଲକର ଜଣେ ସକ୍ରିୟ ବିଜେଡି ସଙ୍ଗଠକ ଭାବେ ଜଣାଶୁଣା।

### ୩ ପେପରଲେସ୍ କୋର୍ଟ ଉଦ୍‌ଘାଟିତ

ଭଦ୍ରକ, ୩୧।୧୦ (ସନାତନ ରାଉତ)

ହାଇକୋର୍ଟ କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଡ. ଜଷ୍ଟିସ୍ ବି.ଆର୍ ଷଡ଼ଙ୍ଗୀ ମଙ୍ଗଳବାର ଭର୍ଚ୍ଚୁଆଲରେ ବିଭିନ୍ନ କୋର୍ଟରେ ପେପରଲେସ୍ କୋର୍ଟ ଉଦ୍‌ଘାଟନ କରିଛନ୍ତି। ଭଦ୍ରକ ଜିଲା ଜଜ୍ କୋର୍ଟ ପରିସରରେ ଅତିରିକ୍ତ ଜିଲା ଜଜ୍ ସ୍ପେଶାଲ୍ ପୋକ୍‌ସୋ କୋର୍ଟ, ଫାଷ୍ଟଟ୍ରାକ୍ ସ୍ପେଶାଲ କୋର୍ଟ ଏବଂ ସେଶନ ଜଜ୍ ସ୍ପେଶାଲ ଟ୍ରାକ୍ କୋର୍ଟ ଶୁଭାରମ୍ଭ କରାଯାଇଛି। ଏଡିଜେ ଆଶିଷ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ଟ୍ରାକ୍ କୋର୍ଟ ଜଜ୍ ସସ୍ମିତା ନନ୍ଦିନୀ ତ୍ରିପାଠୀ, ପୋକ୍‌ସୋ କୋର୍ଟ ଜଜ୍ ମୁକ୍ତିକାନ୍ତ ଶତ୍‌ପଥୀ, ଜଜ୍ ମିନତି ପଣ୍ଡାଙ୍କ ସମେତ ସମସ୍ତ ବିଚାର ବିଭାଗ ମାଜିଷ୍ଟ୍ରେଟ୍, ସରକାରୀ ଓକିଲ ଓ କର୍ମଚାରୀ ଉପସ୍ଥିତ ଥିଲେ। ପେପରଲେସ୍ କୋର୍ଟ କାର୍ଯ୍ୟକାରୀ ହେଲେ କୋର୍ଟରେକର୍ଡସ୍‌ବୁକମ୍ପ୍ୟୁଟରୀକରଣ ହୋଇପାରିବ। ସାର୍ଟିଫାଏଡ୍ କପି ପାଇବା ସହଜ ହେବା ସହ ପଡ଼ି ରହିଥିବା ମାମଲା ସମାଧାନ ହୋଇପାରିବ।

### ଏନ୍‌ଏସିରେ ୩ମାସ ହେଲା ମିଳୁନି ନୂତନ ଭତ୍ତା

ଚାନ୍ଦବାଲି, ୩୧।୧୦ (କିଷାନ ପାତ୍ର)

ରାଜ୍ୟ ସରକାର ନୂଆ ଭତ୍ତା ଘୋଷଣା କରିବାର ୩ ମାସ ବିତିଯାଇଥିଲେ ସୁଦ୍ଧା ଭଦ୍ରକ ଜିଲା ଚାନ୍ଦବାଲି ଏନ୍‌ଏସିର ଶତାଧିକ ହିତାଧିକାରୀ ଏପର୍ଯ୍ୟନ୍ତ ନୂତନ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନ୍‌ଏସି ଅଫିସକୁ ଗଲେ ବିଭିନ୍ନ ଆଳ ଦେଖାଇ ଫେରାଇ ଦିଆଯାଉଛି। ଭତ୍ତାରୁ ବଞ୍ଚିତ ହୋଇଥିବା ନୂତନ ହିତାଧିକାରୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିକଟରେ ସ୍ଥାନୀୟ ପାରିଷଦ ଚନ୍ଦନ ରାଉତ ଟୁଇଟ୍ ମାଧ୍ୟମରେ ୫-ଟି, ନବୀନ ଓଡ଼ିଶା ଓ ଭଦ୍ରକ ଜିଲାପାଳଙ୍କୁ ଅଭିଯୋଗ ଜଣାଇଛନ୍ତି। ସପ୍ତାହେ ମଧ୍ୟରେ ନୂତନ ଭତ୍ତା ବଣ୍ଟନ ନ ହେଲେ ଭାଜପା ପକ୍ଷରୁ ଏନ୍‌ଏସି ଅଫିସ୍ ସମ୍ମୁଖରେ ଧାରଣା ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି। ଖୁବ୍‌ଶୀଘ୍ର ଭତ୍ତା ବଣ୍ଟନ କରାଯିବ ବୋଲି ଏନ୍‌ଏସି ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ କହିଛନ୍ତି।

# ‘ବିକଶିତ ଗାଁ ହେବ ଆଧୁନିକ ଓଡ଼ିଶାର ପରିଚୟ’

ବାଲେଶ୍ୱର(ମାନସ ବିଶ୍ୱାଳ)/ ରେମୁଣା(ରବୀନ୍ଦ୍ର ମହାକୁଡ) /ଖଇରା(ଉତ୍କଳବନ୍ଧୁ ପଣ୍ଡା)/ ଭୋଗରାଇ(ପ୍ରଦୀପ ଦାସ)/ ନୀଳଗିରି(ପ୍ରଶାନ୍ତ ବିଶ୍ୱାଳ)/ ସିମୁଳିଆ(ସନ୍ତୋଷ ନାୟକ)/ ବାହାନଗା(ଅରୂପ୍ କୁମାର ଦାସ)/ ଜଳେଶ୍ୱର(ରବିନାରାୟଣ ପାତ୍ର)/ ଔପଦା(ଧରିତ୍ରୀ ପଣ୍ଡା)/ ବସ୍ତା (ହରିଶଙ୍କର ପାଢ଼ି)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ ସୋର(ଜନ୍ମେଜୟ ମିଶ୍ର), ୩୦।୧୦



ବିଧାୟକ ସ୍ୱରୂପ ଦାସ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଉଛନ୍ତି।

■ ଶୁଭାରମ୍ଭ ହେଲା ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନା

■ ୧୭୮କୋଟି ବ୍ୟୟରେ ୪,୪୬୫ ଉନ୍ନୟନ ପ୍ରକଳ୍ପ

ବାଲେଶ୍ୱର ଜିଲାରେ ଶୁଭାରମ୍ଭ ହୋଇଛି ‘ଆମ ଓଡ଼ିଶା ନବୀନ ଓଡ଼ିଶା’ ଯୋଜନା। ଜିଲାର ବିଭିନ୍ନ ବ୍ଲକରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଭୁବନେଶ୍ୱରରୁ ଭିଡିଓ କନଫେରେନସିଂ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ଯୋଜନାର ଶୁଭାରମ୍ଭ କରିଛନ୍ତି। ସଦର ବ୍ଲକ ପାଇଁ ବାଲେଶ୍ୱର ସହର ମିଶନ ପଡ଼ିଆରେ ଏହି ଯୋଜନାର ଆରମ୍ଭ ହୋଇଥିଲା। ଜିଲାର ୧୨ଟି ବ୍ଲକରେ ମୋଟ ୧୭୮ କୋଟି ଟଙ୍କା ଖର୍ଚ୍ଚ ଅଟକଳରେ ୪,୪୬୫ଟି ଉନ୍ନୟନ ମୂଳକ ପ୍ରକଳ୍ପ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏହି ଯୋଜନା ମାଧ୍ୟମରେ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ଉନ୍ନତିମୂଳକ ପ୍ରକଳ୍ପ ପାଇଁ ୫୦ଲକ୍ଷ ଟଙ୍କା ଅନୁଦାନ ମିଳିବ ବୋଲି କହିଥିଲେ। ବିକଶିତ ଗାଁ ହେବ ଆଧୁନିକ ଓଡ଼ିଶାର ପରିଚୟ ବୋଲି କହିଥିଲେ।

୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭିକେ ପାଣ୍ଡିଆନ୍ କାର୍ଯ୍ୟକ୍ରମରେ ସଂଯୋଜନା କରିବା ସହିତ ରୂପାନ୍ତରଣ କାର୍ଯ୍ୟକ୍ରମ ଲୋକଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି ବୋଲି କହିଥିଲେ। ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ଯୋଜନା ପାଇଁ କୃତଜ୍ଞତା ଜଣାଇଥିଲେ। ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା ଉପସ୍ଥିତ ଥିଲେ। ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ଧନ୍ୟବାଦ ଦେଇଥିଲେ।

ରେମୁଣାର ନୋସି ବିଜନେସ ପାର୍କରେ ଆୟୋଜିତ କାର୍ଯ୍ୟକ୍ରମକୁ ମନ୍ତ୍ରୀ ପ୍ରତାପ କେଶରୀ ଦେବ ପରିଚାଳନା କରିଥିଲେ। ରେମୁଣା ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ପାଇଁ ୫୦ଲକ୍ଷ ଟଙ୍କା ବିକାଶ ପାଇଁ ପ୍ରଦାନ କରାଯାଉଛି ବୋଲି ନବୀନ ଓଡିଶା ତଥା ୫-ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସୂଚନା ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବିଧାୟକ ସୁଧାଂଶୁ ଶେଖର ପରିଡା, ବ୍ଲକ ଚେୟାରମ୍ୟାନ ରାଜେନ୍ଦ୍ର ରାଉତ, ରେମୁଣା ବିଡିଓ, ବିଜେଡି ଜିଲା ବରିଷ୍ଠ ଉପସଭାପତି ପ୍ରଭାତ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

ଖଇରା ବ୍ଲକରେ ୪୪୭ ପ୍ରକଳ୍ପ ପାଇଁ ୧୮କୋଟି ୫୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ପ୍ରଥମେ ୫-ଟି ଏବଂ ଆମ ଓଡିଶା ନବୀନ ଓଡିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସିମୁଳିଆ ନିର୍ବାଚନ ମଣ୍ଡଳୀର ଖଇରା ସିମୁଳିଆ ପାଇଁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଉପରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ପାଣ୍ଡିଆନ କୁପାରୀ ମୌଜାରେ ୮୦ଏକର ଜମିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ଯୋଜନାରେ ଶିଳ୍ପ ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ନିଆଯାଇଛି। ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ସିମୁଳିଆ ନିର୍ବାଚନ ମଣ୍ଡଳୀରେ ୫-ଟିରେ ବିଭିନ୍ନ କଲେଜ ,ସ୍କୁଲ ଅନ୍ତର୍ଭୁକ୍ତ ହେବା ପରେ ଏବେ ପିଲାମାନେ ଘରୋଇ ସ୍କୁଲରୁ ମୁହଁ ଫେରାଇ ସରକାରୀ ସ୍କୁଲ ପ୍ରତି ଆକର୍ଷିତ ହେଉଥିବା କହିଥିଲେ। ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ପ୍ରଶାନ୍ତ କୁମାର ମହାରଣା, ଆଇଆଇସି ଗୟାଧର ବେହେରା, ମୁଖ୍ୟ କିରାଣି ବ୍ରହ୍ମାନନ୍ଦ ଦାସ, ସିପି ଶଶିକାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ନିମନ୍ତେ ୫ଶହ କୋଟି ଟଙ୍କାର ନୂତନ ପ୍ରକଳ୍ପକୁ ଘୋଷଣା କରାଯାଇଥିଲା। ଭୋଗରାଇ ବିଧାୟକ ଅନନ୍ତ ଦାସ ଏକ ଉପଖଣ୍ଡ ହସ୍ପିଟାଲ ଏବଂ ସୁବର୍ଣ୍ଣରେଖା ସଂସ୍କାର ଯୋଜନା କାର୍ଯ୍ୟକାରୀ କରିବାକୁ ଦାବି କରିଥିଲେ। ଜିଲା ଅତିରିକ୍ତ ଉପଜିଲାପାଳ ଶୁଭଶ୍ରୀ ରଥ, ବିଡ଼ିଓ ଉମାକାନ୍ତ ପରିଡା, ତହସିଲଦାର ହିମାଂଶୁ ଶେଖର ଗିରି, ଅତିରିକ୍ତ ତହସିଲଦାର ଚୈତନ୍ୟ ପ୍ରସାଦ ମୁର୍ମୁ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷ ମୀନାରାଣୀ ସାସମଲ ସହ ୫୦ ପଞ୍ଚାୟତର ଦଳୀୟ ଜନ ପ୍ରତିନିଧି, ଶତାଧିକ ମହିଳା ଗୋଷ୍ଠୀ, ଭୋଗରାଇ ଥାନା ଆଇଆଇସି ସୁଦୀପ୍ତ କୁମାର ସାହୁଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ।

ନୀଳଗିରି ବ୍ଲକର ୨୫ ପଞ୍ଚାୟତ ନିମନ୍ତେ ୩୦୦ପ୍ରକଳ୍ପକୁ ୧୨କୋଟି ୫୦ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ମୁଖ୍ୟତଃ ପଞ୍ଚଲିଙ୍ଗେଶ୍ୱର ଶୈବପୀଠ, ନୀଳଗିରି ଜଗନ୍ନାଥ ମନ୍ଦିର, ଖମଖୁଟ ଡ୍ୟାମ ଓ ସାଳନ୍ଦୀ ଜଳଯୋଗାଣ ପ୍ରକଳ୍ପ ଉନ୍ନତୀକରଣ ହେବାକୁ ଯାଉଛି। ଏହି ଅବସରରେ ସ୍ଥାନୀୟ ନୀଳଗିରି ଷ୍ଟାଡ଼ିୟମ ପଡ଼ିଆରେ ଏକ ଭର୍ଚ୍ଚୁଆଲ ମଞ୍ଚ ଆୟୋଜନ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ରାଜ୍ୟଯୁବ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସ ମଙ୍ଗରାଜ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ମଦନମୋହନ ମାଝି, ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଉପଜିଲାପାଳ ମନ୍ଦରଧର ମହାଲିକ, ଆଇଟିଡିଏ ପିଏ କାରୁ ସରେନ, ବିଡିଓ ରାହୁଲ ମଣ୍ଡଳ, ଜିଲା ବିଜୁଯୁବ ଜନତା ଦଳର ସଭାପତି ତାପସ ପରିଡ଼ା, ଗତିକୃଷ୍ଣ ନନ୍ଦ ଓ ଅନ୍ୟମାନେ ଯୋଗ ଦେଇଥିଲେ।

ସିମୁଳିଆ ବ୍ଲକ ମାର୍କୋଣାରେ ବିଜୁ ପଟ୍ଟନାୟକ ମିନି ଷ୍ଟାଡିୟମ ପରିସରରେ ସମାବେଶ ଅନୁଷ୍ଠିତ ହୋଇଥିଲା । ଈଶ୍ୱରପୁର ପଞ୍ଚାୟତର ସରପଞ୍ଚ କବିତା ନାୟକ ଉଦ୍‌ବୋଧନ ଦେଇଥିଲେ। ସିମୁଳିଆ ବ୍ଲକର ୧୧କୋଟି ବିନିମୟରେ ବିଭିନ୍ନ ଅଞ୍ଚଳରେ ୨୬୯ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଏସ୍‌ଏଚ୍‌ଜିଙ୍କ ସମେତ ବିଜେଡି କର୍ମକର୍ତ୍ତା ଓ ସମର୍ଥକମାନେ ଯୋଗ ଦେଇଥିଲେ । ସିମୁଳିଆ ପୋଲିସ ଶାନ୍ତିଶୃଙ୍ଖଳା ଦାୟିତ୍ୱରେ ଥିବା ବେଳେ ତହସିଲଦାର ସୁନୀଲ କୁମାର ଟୁଡୁ, ଅତିରିକ୍ତ ତହସିଲଦାର ହରନାରାୟଣ ଦାସ, ବିଡିଓ ବିଶ୍ୱରଞ୍ଜନ ମହାନ୍ତି, ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର ମଳିକ ପ୍ରମୁଖ ଯୋଗ ଦେଇଥିଲେ ।

ବାହାନଗା ବ୍ଲକର ୩୨୧ଟି ପ୍ରକଳ୍ପ ଲାଗି ୧୨କୋଟି ଟଙ୍କା ମଞ୍ଜୁର ହୋଇଛି । ବାହାନଗା ଭେନସ ଇଞ୍ଜିନିୟରିଂ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ୭ହଜାରରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଏଥିରେ ବାହାନଗା ବିଡିଓ ରବୀନ୍ଦ୍ର କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ଯନ୍ତ୍ରୀ, କର୍ମଚାରୀ ଓ ଲୋକପ୍ରତିନିଧି ତଥା ବ୍ଲକ ଅଧ୍ୟକ୍ଷ ବିଶ୍ୱନାଥ ମିଶ୍ର, ଉପାଧ୍ୟକ୍ଷ ବାସନ୍ତୀ ପତିଙ୍କ ସମେତ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ଥିଲେ ।

ଜଳେଶ୍ୱର ନିର୍ବାଚନମଣ୍ଡଳୀର ୫୪୪ ପ୍ରକଳ୍ପ ଲାଗି ୨୪.୫ କୋଟି ଟଙ୍କା ଅନୁମୋଦନ ହୋଇଥିବା ବେଳେ ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତ ପାଇଁ ୩୮୬ଟି ପ୍ରକଳ୍ପ ଲାଗି ୧୭.୭ କୋଟି ଟଙ୍କା ଅନୁମୋଦନ ହୋଇଥିବା ‘ଆମ ଓଡିଶା, ନବୀନ ଓଡିଶା’ ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ସୂଚନା ଦେଇଥିଲେ। ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ଜଳେଶ୍ୱର ବ୍ଲକର ୩୫ଟି ପଞ୍ଚାୟତରେ ୫୪୧ ପ୍ରକଳ୍ପ ଲାଗି ୫୮୦.୫ କୋଟି ଟଙ୍କା ଖର୍ଚ୍ଚ କରାଯିବା ବ୍ୟବସ୍ଥା ହୋଇଥିବା ସୂଚନା ଦେଇଥିଲେ। ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶିନୀ ମଲ୍ଲିକ, ବିଡିଓ ପୁନମ ରାଉତ, ତହସିଲଦାର ସଞ୍ଜୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ଉପାଧ୍ୟକ୍ଷା ଅନୁସୂୟା ପ୍ରଧାନ, ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ଉପାଧ୍ୟକ୍ଷା ସଞ୍ଜିତା ସେନାପତି ଉପସ୍ଥିତ ଥିଲେ।

ଔପଦା ବ୍ଲକ ପକ୍ଷରୁ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ଔପଦା ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିସ୍ୱା ପାତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କର ବିକାଶ ଧାରା ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଡ଼ିଓ ଆଦିକନ୍ଦ ବେହେରା, ତହସିଲଦାର ମିତାଲି ମଧୁ ଛନ୍ଦା ପାତ୍ର, ସହକାରୀ ନିର୍ବାହୀଯନ୍ତ୍ରୀ ମମତା ରାଣୀ ମହନ୍ତ, ଜିଲାପରିଷଦ ସଭ୍ୟା ମୁନି ସିଂଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ କର୍ମଚାରୀ ଓ ପଞ୍ଚାୟତର ନିର୍ବାଚିତ ସଭ୍ୟାସଭ୍ୟ ମାନେ ଉପସ୍ଥିତ ଥିଲେ। ଏମ୍‌ପି ପ୍ରତାପ ଷଡଙ୍ଗୀଙ୍କ ଅନୁପସ୍ଥିତି ସମ୍ପର୍କରେ ପଚରାଯିବାରୁ ତାଙ୍କୁ କୌଣସି ସୂଚନା ଦିଆଯାଇ ନ ଥିବା କହିଥିଲେ।

ବସ୍ତା ବ୍ଲକରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ସୁଧାକର ନାୟକ, ବସ୍ତା ବ୍ଲକ ବିଡ଼ିଓ ମୋହିନୀ କୁମାର ନାୟକ, ତହସିଲଦାର ରାଧାରଞ୍ଜନ ଦାସ, ବ୍ଲକ ଅଧ୍ୟକ୍ଷା ଅଞ୍ଜଳି ଦାସ ଓ ଉପାଧ୍ୟକ୍ଷ ଦିଲୀପ ଦାସ ମହାପାତ୍ର, ସାମାଜିକ କର୍ମୀ ସୁବାସିନୀ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ମହାଦେବ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ବାଲିଆପାଳ ବ୍ଲକ ବାଲିଆପାଳ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ବାଲିଆପାଳ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର ଜେନା, ବିଜୁ ମହିଳା ଜନତା ଦଳ ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ପୂର୍ବତନ ଜିଲା ପରିଷଦ ସଦସ୍ୟ ରବୀନ୍ଦ୍ର ଅଣ୍ଡିଆ, ଛାତ୍ର ବିଜୁ ଜନତା ଦଳ ଜିଲା ସଭାପତି ସିମନ ଦାସ ମହାପାତ୍ର, ବିଜୁ କୃଷକ ଜନତା ଦଳ ଜିଲା ସଭାପତି ଅଜୟ ସାମଲଙ୍କ ସହିତ ଜିଲା ପରିଷଦ ସଦସ୍ୟ, ସରପଞ୍ଚ, ସମିତି ସଦସ୍ୟ ତଥା ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କ ମିତ୍ର ଏବଂ ସ୍ୱୟଂ ସହାୟତା ଗୋଷ୍ଠୀର ୫ ହଜାରରୁ ଅଧିକ ମହିଳା ଯୋଗଦେଇଥିଲେ।

ସୋର ବ୍ଲକର ୨୪ଟି ପଞ୍ଚାୟତର ୩୨୫ଟି ପ୍ରକଳ୍ପ ପାଇଁ ୧୨କୋଟି ମଞ୍ଜୁର କରାଯାଇଥିବା ଘୋଷଣା କରାଯାଇଛି। ଏନେଇ ସୋର ବିଧାୟକ ପର୍ଶୁରାମ ଧଡା ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋର ବ୍ଲକର ଜିଲାପରିଷଦ ସଦସ୍ୟ, ବିଭିନ୍ନ ପଞ୍ଚାୟତରୁ ସରପଞ୍ଚ, ସମିତିସଭ୍ୟା ସଭ୍ୟ, ସ୍ୱୟଂ ସହାୟିକ ଗୋଷ୍ଠୀର ସଦସ୍ୟା, ମିଶନ ଶକ୍ତିର ସଦସ୍ୟା, ବ୍ୟାଙ୍କ ମିତ୍ରର ସଦସ୍ୟା, ପାଚିକା, ସହାୟିକା ଏବଂ ବିଜୁ ଜନତାଦଳ, ବିଜୁଛାତ୍ର ଜନତା ଦଳ, ବିଜୁ ଯୁବ ଜନତାଦଳ, ବିଜୁ ମହିଳା ମୋର୍ଚ୍ଚାର ସଦସ୍ୟାମାନେ ଯୋଗଦେଇଥିଲେ।

## କଂଗ୍ରେସର ଧାମନଗର ବ୍ଲକ, ଏନ୍‌ଏସି ସଭାପତି ନିଯୁକ୍ତ

ଭଦ୍ରକ/ଧାମନଗର,୩୧।୧୦ (ସନାତନ ରାଉତ/ ଦେବେନ୍ଦ୍ର ଆଦିଆ)

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଭଦ୍ରକ ଜିଲାର ଧାମନଗର ବ୍ଲକ ଓ ଏନ୍‌ଏସିର ନୂତନ ସଭାପତି ନିଯୁକ୍ତ କରାଯାଇଛି। ରମେଶ ଚନ୍ଦ୍ର ବେହେରା ବ୍ଲକ ସଭାପତି ଓ ମାନସ ରଞ୍ଜନ ମହାପାତ୍ର ଏନ୍‌ଏସି ସଭାପତି ଭାବେ ମନୋନୀତ ହୋଇଛନ୍ତି। ୨ ସଭାପତି ଦଳୀୟ ସଙ୍ଗଠନକୁ ଅଧିକ ଶକ୍ତିଶାଳୀ ଓ କ୍ରିୟାଶୀଳ କରିବେ ବୋଲି ଦଳ ପକ୍ଷରୁ ଆସ୍ଥା ପ୍ରକଟ କରାଯାଇଛି। ନିଯୁକ୍ତି ପାଇବା ପରେ ସେମାନେ ଜିଲା କଂଗ୍ରେସ ସଭାପତି ଅଶୋକ ଦାସ, ପିସିସି ସଭାପତି ପଟ୍ଟନାୟକ ଓ ପୂର୍ବତନ ଏମ୍‌ପି ଅନନ୍ତ ସେଠୀଙ୍କୁ କୃତଜ୍ଞତା ଜଣାଇଛନ୍ତି।





ମାନସ ରଞ୍ଜନ ମହାପାତ୍ର। ରମେଶ ଚନ୍ଦ୍ର ବେହେରା।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ଯୋଡ଼ା, ୩୧।୧୦ (ମାନସ ମହାନ୍ତି)

କେନ୍ଦୁଝର ଜିଲା ବାମେବାରୀ ଥାନା ଅଞ୍ଚଳରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲେ ଆନନ୍ଦପୁର ଖପରାଖାଇ ଅଞ୍ଚଳର ମିଳନ ମାଝୀ। ସୂଚନା ଅନୁଯାୟୀ, ସେ ଏକ ଟ୍ରାନ୍ସପୋର୍ଟ କମ୍ପାନୀରେ କାମ କରିବା ପାଇଁ ବାମେବାରୀ ଆସିଥିଲେ। ମାସ ଆରମ୍ଭରୁ କାର୍ଯ୍ୟ କରିବା ନେଇ ନିଜ ସାଙ୍ଗ ସହ ମେସ୍‌ରେ ରହୁଥିଲେ। ସୋମବାର ଦିନ ଦ୍ୱିପ୍ରହର ସମୟରେ ହୋଟେଲରୁ ଖାଇ ମେସ୍‌ରେ ବିଶ୍ରାମ ନେଉଥିବା ବେଳେ ହଠାତ୍ ତାଙ୍କ ମୁଣ୍ଡ ବିନ୍ଧିଥିଲା। ତାଙ୍କ ସାଙ୍ଗଙ୍କୁ ଔଷଧ ଆଣି ଦେବାକୁ କହିବା ସମୟରେ ସେ ହଠାତ୍ ତଳେ ପଡ଼ିଯିବା ସହ ରକ୍ତ ବାନ୍ତି କରିଥିଲେ। ଏଥିରେ ତାଙ୍କ ସାଙ୍ଗ ଭୟଭୀତ ହୋଇ ପାଖ ଲୋକଙ୍କୁ ଡାକିବା ସହ ତୁରନ୍ତ ଆମ୍ବୁଲାନ୍ସ ଦ୍ୱାରା ଯୋଡ଼ାର ଏକ ବେସରକାରୀ ଡାକ୍ତରଖାନା ନେଇଥିଲେ। ଡାକ୍ତର ତାଙ୍କୁ ଟାଟା ଡାକ୍ତରଖାନା ନେଇଯିବାକୁ ପରାମର୍ଶ ଦେଇଥିଲେ। ଟାଟା ଡାକ୍ତରଖାନାକୁ ନେଇ ଭର୍ତ୍ତି କରିବା ସଙ୍ଗେ ସଙ୍ଗେ ମିଳନଙ୍କର ମୃତ୍ୟୁ ହୋଇଥିଲା। ପରେ ମୃତଦେହ ଶବଗୃହରେ ରଖି ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଖବରପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛି।

## କଣ୍ଟେନର ଓଲଟି ୪୮ ଗୋରୁ ମୃତ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ ବାଙ୍ଗିରିପୋଷି (ସଞ୍ଜୟ କୁମାର ଅଗ୍ରୱାଲ),୩୧।୧୦

ମୟୂରଭଞ୍ଜ ଜିଲା ୪୯ନଂ. ଜାତୀୟ ରାଜପଥ ବାଙ୍ଗିରିପୋଷି ଦ୍ୱାରଶୁଣୀ ଘାଟିରେ ଗୋରୁ ବୋଝେଇ ଏକ କଣ୍ଟେନର ଦୁର୍ଘଟଣାଗ୍ରସ୍ତ ହୋଇ ୪୮ ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୧୫ ଗୁରୁତର ହୋଇଛନ୍ତି। ବାଙ୍ଗିରିପୋଷି ପୋଲିସ ପହଞ୍ଚି ତଦନ୍ତ କରୁଛି। କଣ୍ଟେନରରେ ୧୦୫ ଗୋରୁ ବୋଝେଇ ହୋଇ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ମଙ୍ଗଳବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଥିଲା।



ଓଲଟି ପଡ଼ିଥିବା କଣ୍ଟେନର।

ଖବରପାଇ ପୋଲିସ ଓ ଦମକଳ ବାହିନୀ ପହଞ୍ଚି କ୍ରେନ୍ ସହାୟ୍ୟରେ ମୃତାହତ ଗୋରୁଙ୍କୁ ଉଦ୍ଧାର କରିଥିଲେ। ଘଟଣାସ୍ଥଳରେ ବଜରଙ୍ଗ ଦଳର ଜିଲା ପ୍ରମୁଖ ବିଶ୍ୱଜିତ ରଣା, ଜିଲା ପ୍ରଚାର ପ୍ରସାର ପ୍ରମୁଖ ଅମିତ ନାଏକ, ବାରିପଦା ନଗର ସମ୍ପାଦକ ଜ୍ୟୋତି ମହାପାତ୍ର ଓ ବିଶ୍ୱହିନ୍ଦୁ ପରିଷଦର ବିଶ୍ୱପ୍ରାନ୍ତ ସତ୍‌ସଂଘ ପ୍ରମୁଖ ହରିହର ତ୍ରିପାଠୀ, ଜିଲା ସଭାପତି ଅଜୟ କୁମାର ପାଲ, ସମ୍ପାଦକ ପ୍ରଶାନ୍ତ ଆଚାର୍ଯ୍ୟଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ସଭ୍ୟ ପହଞ୍ଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ପ୍ରତିଦିନ ଜାତୀୟ ରାଜପଥରେ ଗୋରୁ ଚାଲାଣ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

## ମାଣତ୍ରୀ ଫାଣ୍ଡିରେ ନାହାନ୍ତି ଅଧିକାରୀ

ବୈଶିଙ୍ଗା,୩୧।୧୦(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ତଥା ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀ ଫାଣ୍ଡିରେ ଗତ ୬ ମାସ ହେଲା ଅଧିକାରୀ ନାହାନ୍ତି। ଫାଣ୍ଡିରେ ସାମାନ୍ୟ କେସକୁ ବି କେହି ଶୁଣିବାକୁ ନାହାନ୍ତି। ଅଭିଯୋଗ କରିବାକୁ ହେଲେ ୧୩ କି.ମି ଦୂର ବୈଶିଙ୍ଗା ଥାନାକୁ ଯିବାକୁ ପଡୁଛି। ଏହା ପୂର୍ବରୁ ଏଏସ୍‌ଆଇ ପ୍ରକାଶ ଚନ୍ଦ୍ର ନାୟକଙ୍କୁ ଫାଣ୍ଡି ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ ସେ ଗତ ଏପ୍ରିଲ ମାସରେ ଅନ୍ୟତ୍ର ବଦଳି ହୋଇ ଯାଇଥିବାରୁ ଉକ୍ତ ଫାଣ୍ଡିରେ ଅଦ୍ୟାବଧି କୌଣସି ଅଫିସରଙ୍କୁ ନିଯୁକ୍ତି ମିଳିନାହିଁ। ଏହି ଫାଣ୍ଡି ଉପରେ ଆଖପାଖ ୫ଟି ପଞ୍ଚାୟତ ଅନ୍ତର୍ଗତ ୩୨ ଗାଁର ଲକ୍ଷାଧିକ ଲୋକ ନିର୍ଭର କରୁଥିବାବେଳେ ମାତ୍ର ୩ କନେଷ୍ଟବଳଙ୍କୁ ନେଇ ଚାଲିଛି। ତେବେ ୫୦ବର୍ଷ ପୂର୍ବେ ସ୍ଥାପିତ ଏହି ସମ୍ବେଦନଶୀଳ ଫାଣ୍ଡିକୁ ଥାନାର ମାନ୍ୟତା ଦେବା ପାଇଁ ବାରମ୍ବାର ଦାବି ହୋଇଆସୁଛି। ଉକ୍ତ ଫାଣ୍ଡିର ଅପଗ୍ରେଡେସନ ପାଇଁ ରାଜ୍ୟ ସରକାର ଆବଶ୍ୟକୀୟ ପଦକ୍ଷେପ ନେଇଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରିନାହିଁ। ଏମିତିକି ସରକାରଙ୍କ ନୂତନ ନିୟମାନୁଯାୟୀ ପ୍ରତି ଫାଣ୍ଡିରେ ସବଇନ୍ସପେକ୍ଟରଙ୍କୁ ନିଯୁକ୍ତି ଦେବାର ନିୟମ ଥିବା ବେଳେ କୌଣସି ସବଇନ୍ସପେକ୍ଟରଙ୍କୁ ନିଯୁକ୍ତି ମିଳି ପାରିନାହିଁ। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଉତ୍ସବ ସ୍ମୃତି ସାଉଁଟେ, ଅନୁଭୂତି ବାଣ୍ଟେ

ରୂପସା, ୩୧।୧୦(ବାଞ୍ଛାନିଧି ଦେ)

**ପୁରାତନ ଛାତ୍ର ସଂସଦର ବନ୍ଧୁମିଳନ**

ବାଲେଶ୍ୱର ସଦର ବ୍ଲକ ଅଧୀନ ହଳଦୀପଦାସ୍ଥିତ ଅଗରୱାଲା ବିଦ୍ୟାପୀଠର ପୁରାତନ ଛାତ୍ର ସଂସଦ ପକ୍ଷରୁ ଶାରଦୀୟ ବନ୍ଧୁମିଳନ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବତନ ପ୍ରଧାନ ଶିକ୍ଷକ ଡ. ଶରତ ଚନ୍ଦ୍ର ମିଶ୍ର ଏହି ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଉତ୍ସବ ପ୍ରାରମ୍ଭରେ ଛାତ୍ରୀଛାତ୍ର ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଡ. ଆରାଧନା ନାୟକ ମଞ୍ଚ ପରିଚାଳନା କରିବା ସହ ଉତ୍ସବର ଆଭିମୁଖ୍ୟ ସ୍ପଷ୍ଟ କରିଥିଲେ। ଛାତ୍ର ସଂସଦର ମାର୍ଗଦର୍ଶକ ଡ. କୁମାର ଚନ୍ଦ୍ର ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ପୁରାତନ ଶିକ୍ଷକ ରତ୍ନାକର ପଣ୍ଡା, ବେଣୁଧର ପ୍ରଧାନ, ମହେଶ୍ୱର ଗିରି ଓ ରାଘବ ଚନ୍ଦ୍ର ମଲ୍ଲିକ ପ୍ରମୁଖ ଯୋଗଦେଇ ଉତ୍ସବ ସ୍ମୃତି ସାଉଁଟେ, ଅନୁଭୂତି ବାଣ୍ଟେ ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ଗୁରୁ ଶିଷ୍ୟ ପରମ୍ପରା ଆଧାରିତ ଶିକ୍ଷାବ୍ୟବସ୍ଥା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସ୍ନେହଲତା ଦାସ, ବିଭୁବନ୍ଦିତା ନାୟକ, କନ୍ୟାକୁମାରୀ ନାୟକ, ରାମହରି ଦାସ, ଶ୍ରୀହରି ଦାସ, ଆଶିଷ ଚୌଧୁରୀ, ଏସଏମ୍‌ଡ଼ିସି ସଭାପତି ଲକ୍ଷ୍ମୀକାନ୍ତ ସାହୁ, ଆଲୁମିନି ସଭାପତି ଅନୀଲ କୁମାର ସାହୁ, ସରପଞ୍ଚ ଅଜୀତ କୁମାର ମହାପାତ୍ର, ଜ୍ୟୋସ୍ନା ରାଣୀ ରଣା ଓ ଦେବାଶିଷ ରଣା ପ୍ରମୁଖ ଅଗରୱାଲା ବିଦ୍ୟାପୀଠର ପବିତ୍ର ଗୁରୁ ଶିଷ୍ୟ ପରମ୍ପରା ବିଷୟ ଉଲ୍ଲେଖ କରିଥିଲେ। ଶେଷରେ ଭବାନୀ ଶଙ୍କର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କିଶୋର ସାହୁ, ଶ୍ରୀକାନ୍ତ ନାୟକ, ଅତୁଲ ସାହୁ, ସାଗର ସାହୁ ପ୍ରମୁଖ ପରିଚାଳନା କରିଥିଲେ।



ପୁରାତନ ଛାତ୍ରଛାତ୍ରୀଙ୍କ ଗହଣରେ ଅତିଥିଗଣ।

## ଆଧାର ସହ ଲିଙ୍କ୍ ହେଉନି ରାଶନକାର୍ଡ

ତିହିଡ଼ି,୩୧।୧୦ (ସଞ୍ଜିତ ବଳ)

ଭଦ୍ରକ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ମଙ୍ଗଳବାର ତିହିଡ଼ି ବ୍ଲକର ବିଭିନ୍ନ ଅଞ୍ଚଳରେ ଥିବା କଲେଜ ଓ ହାଇସ୍କୁଲରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଛନ୍ତି। ଏହି ଅବସରରେ ଜିଲାପାଳ ବ୍ଲକ କାର୍ଯ୍ୟାଳୟରେ ଥିବା ସମୟରେ କେତେକ ହିତାଧିକାରୀ ପିଡିଏସ୍ ଚାଉଳ ପାଉ ନ ଥିବା ନେଇ ଫେରାଦ ହୋଇଥିଲେ। ଅନ୍‌ଲାଇନରେ ଆଧାର ସହ ରାଶନ କାର୍ଡ ଲିଙ୍କ୍ ହୋଇପାରୁ ନ ଥିବାରୁ ଏ ପ୍ରକାର ସମସ୍ୟା ଉପୁଜିଥିବା ସେମାନେ ଦର୍ଶାଇଥିଲେ। ଏହାବ୍ୟତୀତ କେତେକ ପରିବାର ସଦସ୍ୟଙ୍କ ନାଁ ରାଶନ କାର୍ଡରୁ କଟିଯାଇଥିବା ବେଳେ ଯୋଡ଼ିବା ସମ୍ଭବ ହୋଇପାରୁ ନ ଥିବା ଅନ୍ୟ କେତେକ ହିତାଧିକାରୀ ଅଭିଯୋଗ କରିଥିଲେ। ଅନ୍‌ଲାଇନରେ ରାଶନ କାର୍ଡ ସାଇଟ୍ ବନ୍ଦ ଥିବାରୁ ଏହାର ସଂଶୋଧନ ହୋଇପାରୁ ନାହିଁ। ଫଳରେ ସେମାନେ ଚାଉଳ ପାଉ ନ ଥିବା ଅଭିଯୋଗ କରିଥିଲେ। ଜିଲାପାଳ ଏ ସମସ୍ତ ସମସ୍ୟାର ସମାଧାନ ଦାୟିତ୍ୱ ବିଡିଓ ଜ୍ୟୋତିର୍ମୟ କରଙ୍କ ଉପରେ ନ୍ୟସ୍ତ କରିଥିବା ଜଣାଯାଇଛି।



ହିତାଧିକାରୀମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଅଭିଯୋଗ ଜଣାଉଛନ୍ତି।

ବ୍ଲକ କାର୍ଯ୍ୟାଳୟରେ ଜିଲାପାଳ ବିଡିଓଙ୍କ ସହ ବିଭିନ୍ନ ଯୋଜନାରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଜିଲାପାଳ ତିହିଡ଼ି ଯୁକ୍ତ ୨ ଓ ଯୁକ୍ତ ୩ ଡିଗ୍ରୀ କଲେଜକୁ ଯାଇଥିଲେ। ୫-ଟି ସଚିବଙ୍କ ଗସ୍ତ ପରେ କଲେଜକୁ ସରକାରଙ୍କ ପକ୍ଷରୁ ମିଳିଥିବା ଅନୁଦାନରେ ଚାଲିଥିବା କାର୍ଯ୍ୟର ତଦାରଖ କରିବା ସହ ଜିଲାପାଳ କାର୍ଯ୍ୟର ଅଗ୍ରଗତି ନେଇ ପରାମର୍ଶ ଦେଇଥିଲେ। ପରେ ଜିଲାପାଳ ତାଳପଦା ପଞ୍ଚାୟତର ଶଶିଶୋଭା ହାଇସ୍କୁଲ ଏବଂ ବିଲଣା ପଞ୍ଚାୟତର ମନୋରମା ବାଳିକା ହାଇସ୍କୁଲ ଯାଇ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ତଦାରଖ କରିଥିଲେ। ଜିଲାପାଳଙ୍କ ସହ ବିଡିଓ, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁକାନ୍ତ ମିଶ୍ର, କନିଷ୍ଠଯନ୍ତ୍ରୀ ଭରତ ଚନ୍ଦ୍ର ବିଶ୍ୱାଳ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ସହକାରୀ ସୁଧାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

**ଜିଲାପାଳଙ୍କୁ ଫେରାଦ ହେଲେ ଚାଉଳରୁ ବଞ୍ଚିତ ହିତାଧିକାରୀ**

